
ଧରିତ୍ରୀ
DHARITRI
October 6-12, 2024 ₹ 2/-

ଧରିତ୍ରୀ 50 Years

# ଛୁଟିଦିନ

# ମାତୃଶକ୍ତି

ପ୍ରଚ୍ଛଦ ପ୍ରସଙ୍ଗ
୩



ଶକ୍ତି ଓ ମମତା ଯଦି ଦେହ ଧାରଣା କରେ ଏବଂ ନାରୀର କାୟା ପ୍ରବେଶ କରେ, ତେବେ ଅଧିକ ଦୃଢ଼ ଓ ପ୍ରଭାବଶାଳୀ ହୋଇଯାଏ ତା'ର ଗତି । କାଳକାଳରୁ ମାଆ ତା' ସନ୍ତାନର ଲାଳନ ପାଳନ ପାଇଁ ସର୍ବଂସହାର ରୂପ ନିଏ, ତା'ର ରକ୍ଷଣାବେକ୍ଷଣ ପାଇଁ ଦେବୀ ସାଜେ । ସନ୍ତାନର କ୍ଷତି କରୁଥିବା କାରକକୁ ଧ୍ୱଂସ କରିବା ପାଇଁ ସେ କେବେ ଧାରଣ କରେ ସଂହାରକାରିଣୀର ରୂପ ତ କେବେ ସାଜେ ଅମୃତମୟୀ ...

# ଦଶହରାରେ କ'ଣ କରିବା ଶୁଭ

**ଦଶହରାରେ ଘରକୁ ପରିଷ୍କାର ପରିଚ୍ଛନ୍ନ କରିବା ସହ ମା'ଙ୍କ କୃପା ଲଭିବାକୁ ଘରେ ଘରେ ସ୍ୱତନ୍ତ୍ର ପୂଜାବିଧିର ଆୟୋଜନ କରାଯାଇଥାଏ। ତେବେ ବାସ୍ତୁଶାସ୍ତ୍ର ଅନୁସାରେ, ଏମିତି ବି କିଛି ଖାସ୍ କଥା ରହିଛି; ଯାହାକୁ ଦଶହରା ଅବସରରେ କଲେ ଘର ପାଇଁ ମଙ୍ଗଳ ହୋଇଥାଏ। ଯେମିତିକି:**

✻ ଦଶହରା ଦିନ ପାଣିରେ କିଛି ସୈନ୍ଧବ ଲବଣ ମିଶାଇ ସେଥିରେ ଘର ପୋଛିଲେ; ଘରେ ଥିବା ନକାରାତ୍ମକ ଊର୍ଜା ନଷ୍ଟ ହୋଇଥାଏ।

✻ ଏହି ପବିତ୍ର ଦିନରେ ମାତା ଲକ୍ଷ୍ମୀଙ୍କୁ ଆବାହନ କରି ଘରେ ଲକ୍ଷ୍ମୀ ସୁକ୍ତମ ପାଠ କଲେ ସକାରାତ୍ମକ ଊର୍ଜା ବଢ଼ିବା ସହ



ମା'ଙ୍କ କରୁଣା ପ୍ରାପ୍ତି ହୋଇଥାଏ।

✻ ବାସ୍ତୁଶାସ୍ତ୍ର ଅନୁସାରେ, ଦଶହରା ଦିନ କିଛି ଅରୁଆ ଚାଉଳ ଓ କଉଡ଼ିକୁ ନାଲି କପଡ଼ାରେ ବାନ୍ଧି ଟ୍ରେଜେରି ହେଉ କି ଆଲମିରାରେ ରଖିଦେଲେ ଧନପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି।

✻ ଦଶହରା ଦିନ ସନ୍ଧ୍ୟାବେଳେ ଘରର ଦକ୍ଷିଣ ଦିଗରେ ଚୌମୁଖୀ ଦୀପ ଲଗାଇବା ଶୁଭ ହୋଇଥାଏ। ଏପରି କଲେ ଘରର ବାସ୍ତୁ ସମସ୍ୟା ଦୂର ହେବା ସହ ସୁଖସମୃଦ୍ଧି ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ କରାଯାଏ।

✻ ଅନ୍ୟପକ୍ଷେ କୁହାଯାଏ, ଦଶହରା ଦିନ ଘରେ ଗଙ୍ଗା ଜଳ ଛିଞ୍ଚି ମୁଖ୍ୟ ଦ୍ୱାର ନିକଟରେ ସିନ୍ଦୁରରେ ସ୍ୱସ୍ତିକ ଚିହ୍ନ କଲେ ଘରର କୁଆଡ଼େ ଉନ୍ନତି ହୋଇଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଅକ୍ଟୋବର ୬-୧୨

**ମେଷ**



କଥା ଓ କାର୍ଯ୍ୟରେ ଫରକ ରହିବ, ଚିନ୍ତାଚେତନାରେ ବ୍ୟତିକ୍ରମ, ବନ୍ଧୁ ମାର୍ଗଦର୍ଶକ ସାଜିବେ, ଅର୍ଥନୈତିକ ଅଭିବୃଦ୍ଧି ଘଟିବ, କର୍ମକ୍ଷେତ୍ରରେ ସୁନାମ, ଆସନ୍ନ ସମସ୍ୟାରୁ ବ୍ୟସ୍ତତା,ପରିସ୍ଥିତିକୁ ସମ୍ଭାଳି ନେବେ ॥

**ବୃଷ**



ବିଚାରବୁଦ୍ଧିରୁ ପ୍ରଶଂସା, ଅବହେଳାରୁ ସ୍ୱାସ୍ଥ୍ୟହାନୀ, ବିଶୃଙ୍ଖଳିତ ଜୀବନଚର୍ଯ୍ୟା, ମାନସିକ ଦ୍ୱନ୍ଦ୍ୱଯୁକ୍ତ ହେବେ, ଦୂରଯାତ୍ରା କରିପାରନ୍ତି, ସାମ୍ବାଦିକତାରୁ ଗୌରବ, ଚଳଚ୍ଚିତ୍ରରୁ ସମ୍ମାନ, ନୂତନ ବନ୍ଧୁସମ୍ପର୍କ, ଆତ୍ମୀୟଙ୍କ ହତାଦର ॥

**ମିଥୁନ**



ପ୍ରତିବନ୍ଧକ ଲାଗିରହିବ, କାର୍ଯ୍ୟହାନୀରୁ ଦୁଃଶ୍ଚିନ୍ତା, ଖର୍ଚ୍ଚ ପରିମାଣ ବଢିଯିବ, ଉନ୍ନତି ହେବ, ସଭାସମିତିକୁ ନିମନ୍ତ୍ରଣ, ପାରିବାରିକ ଶାନ୍ତି, ଦ୍ୱନ୍ଦ୍ୱର ଅବସାନ, ଧର୍ମକାର୍ଯ୍ୟ କରିବେ, ଭ୍ରାତୃ ସମ୍ପର୍କରେ ଉନ୍ନତି ॥

**କର୍କଟ**



ଅର୍ଥନୀତିକୁ ସୁଧାରିବେ, ଶାଣିତଭାଷାରୁ ସମାଲୋଚନା, ବୁଦ୍ଧିଜିବୀଙ୍କ ପ୍ରଶଂସା, ସନ୍ତାନଙ୍କ କୃତିତ୍ୱ, ବୈବସାୟିକ ଉନ୍ନତି, ନୂତନ ଯୋଜନାର ପରିକଳ୍ପନା, ନବଜାତକର ଆଗମନ ॥

**ସିଂହ**



ପରିବାରରେ ବିତର୍କର ଝଡ, ଆତ୍ମସମ୍ମାନରେ ବାଧା, ଦୃଢ ପଦକ୍ଷେପ ନେବେ, ଯାନ୍ତ୍ରିକ ଜିନିଷ କିଣିବେ, ସୁସମ୍ପର୍କରେ ଭଙ୍ଗା, ଗବେଷଣାରେ ଅଗ୍ରଗତି, ସରକାରୀ ସହାୟତା, ଆଲୋଚନା ଫଳପ୍ରଦ ହେବ ॥

**କନ୍ୟା**



କର୍ମକ୍ଷେତ୍ରରେ ପ୍ରତିଷ୍ଠା, ବଦାନ୍ୟ ବ୍ୟକ୍ତିଙ୍କ ସାନିଧ୍ୟ , ସାଧାରଣ କଥାରେ ବିବାଦ, ସହକର୍ମୀଙ୍କ ସହଯୋଗ, ଆର୍ଥିକ ଦୂରାବସ୍ଥା, ଅନୁସନ୍ଧାନରେ ଅଗ୍ରଗତି, ବିଦେଶ ଯାତ୍ରାର ସୁଯୋଗ, ସଙ୍ଗୀତ ସମାରୋହକୁ ନିମନ୍ତ୍ରଣ,ସ୍ୱାସ୍ଥ୍ୟରେ ଅବନତି ॥

**ତୁଳା**



ଶାରୀରିକ ଅସୁସ୍ଥତା, ବନ୍ଧୁଙ୍କ ସହ ମତାନ୍ତର, ଅପ୍ରିୟଭାଷଣରୁ କଳହ, ବିବାଦୀୟସ୍ଥିତି ଦୂରହେବ, ପରିବହନରେ ଝଗଡା, ଯାନ ବାହାନରେ କ୍ଷତି, ଅଦାଲତର ଦ୍ୱାରସ୍ଥ ହେବେ, ସମ୍ପର୍କୀୟମାନଙ୍କ ସହ ମିତ୍ରତା ॥

**ବିଛା**



ନୂତନ କର୍ମାରମ୍ଭ, ପାରିବାରିକ ସହମତି, ପ୍ରଭାବଶାଳୀଙ୍କ ପୃଷ୍ଠପୋଷକତା, ସାମାଜିକ ପ୍ରତିଷ୍ଠାର୍ଜନ, ଦୈହିକ ଦୁର୍ବଳତା, ସନ୍ତାନଙ୍କ ବୈବାହିକ ସମସ୍ୟା, ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବେ, ପ୍ରକାଶନରେ ବିଳମ୍ବ, ବନ୍ଧୁମିଳନରୁ ଆନନ୍ଦ ॥

**ଧନୁ**



ନୂତନ ଯୋଜନାରମ୍ଭ, ଆନୁସଙ୍ଗିକ ସାହାଯ୍ୟ ପ୍ରାପ୍ତି, ପାରିପାର୍ଶ୍ୱିକ ପ୍ରତିକୂଳତା, ସାଂଗଠନିକ ଆଲୋଚନା, ନିର୍ମାଣରେ ଦ୍ୱନ୍ଦ୍ୱ, ସମସ୍ୟା ସମାଧାନ, ପରୋକ୍ଷ ଶତ୍ରୁତାରୁ କାର୍ଯ୍ୟହାନୀ, ପରିଜନ ସହ ଦୂରଯାତ୍ରା, ଶିଳ୍ପବାଣିଜ୍ୟରେ ଉନ୍ନତି, ନୂତନ ମିତ୍ରତା ॥

**ମକର**



ସ୍ନାୟବିକ ଦୁର୍ବଳତା, ରୁକ୍ଷ ବ୍ୟବହାରରୁ କଳହ, ସମ୍ପର୍କହାନୀ ଘଟିପାରେ, ବିଜାତୀୟ ବ୍ୟକ୍ତିଙ୍କ ସାହାଯ୍ୟ, ପ୍ରଶାସନିକ ସଫଳତା, ଆଇନ ସହାୟତା ପ୍ରାପ୍ତି, ରଚନାତ୍ମକ କାର୍ଯ୍ୟରୁ ପ୍ରଶଂସା, ବନ୍ଧୁମାନଙ୍କ ସହଯୋଗ, ଅଶୌଚ ଖବର ପାଇପାରନ୍ତି, ଆନୁଷ୍ଠାନିକ କର୍ମାରମ୍ଭ, ହିତାକାଂକ୍ଷୀଙ୍କ ସୁପରାମର୍ଶ ॥

**କୁମ୍ଭ**



ଅଭିଳଷିତ ଦ୍ରବ୍ୟପ୍ରାପ୍ତି , ଆର୍ଥିକ ସ୍ଥିତି ବଦଳିବ,ସାମାଜିକ ସମ୍ମାନ ପାଇବେ,ଭାବମୂର୍ତ୍ତି ଅକ୍ଷୁର୍ଣ୍ଣ ରହିବ, କର୍ମକ୍ଷେତ୍ରରେ ପ୍ରାଧାନ୍ୟତା, ପୂର୍ବଶତ୍ରୁତାରୁ କଳହ, ଗୋପନ କଥା ପ୍ରଘଟ ହୋଇପାରେ, ଦର୍ଶନୀୟ ସ୍ଥାନ ପରିଦର୍ଶନ ॥

**ମୀନ**



ଅସନ୍ତୁଳିତ ମାନସିକସ୍ଥିତି , କାର୍ଯ୍ୟ ପଦ୍ଧତିର ପରିବର୍ତ୍ତନ, ଶୃଙ୍ଖଳିତ ଜୀବନଚର୍ଯ୍ୟା, ଖଳ ଲୋକଙ୍କ ଅପପ୍ରଚାର, ଯାନ୍ତ୍ରିକ ତ୍ରୁଟିରୁ ଯାତ୍ରାବିଳମ୍ବ, ଋଣ ପରିଶୋଧ କରିବେ, ବ୍ୟାଙ୍କ ସଞ୍ଚୟ ବଢିବ, ଗସ୍ତକାର୍ଯ୍ୟକ୍ରମ ସ୍ଥଗିତ ରହିବ, ପ୍ରତି ଯୋଗୀତାରେ ସଫଳତା, ଧର୍ମାନୁଷ୍ଠାନ ଗଠନ, ପ୍ରାପ୍ୟଧନରେ ପ୍ରତିବନ୍ଧକ ॥

# ଶୋଇଥିବା ବସି ଖାଉଥିଲେ...



**ପୂ**ର୍ବେ, ଲୋକମାନେ ଭୂମି ଉପରେ ଚକା ପକାଇ ଭୋଜନ କରୁଥିଲେ। କିନ୍ତୁ ପରିବର୍ତ୍ତିତ ସମୟାନୁସାରେ ଏହାର ସ୍ଥାନ ଡାଇନିଂ ଟେବୁଲ୍ ନେଇଗଲା। ହେଲେ ଏବେ ବି କିଛି ଲୋକଙ୍କର ଶେଯ ଉପରେ ବସି ଟିଭି ଦେଖି ଖାଇବାର ଅଭ୍ୟାସ ରହିଛି; ଯାହାକି ସ୍ୱାସ୍ଥ୍ୟ ପକ୍ଷେ ଆଦୌ ଭଲ ନୁହେଁ। ବିଜ୍ଞାନ ବି ଏ କଥାକୁ ସ୍ୱୀକାର କରେ। ବିଶେଷଜ୍ଞଙ୍କ ମତାନୁସାରେ, ଖଟ ଉପରେ ବସି ଖାଇଲାବେଳେ ଆମେ ଖୁବ୍ ରିଲାକ୍ସ ହୋଇ ବସିଥାଉ ନଚେତ୍ ଖଟରେ ଅଧା ଶୋଇ ପଡ଼ିଥାଉ। କିନ୍ତୁ ଭୋଜନ ପାଇଁ ଏହି ଦୁଇଟିଯାକ ଭଙ୍ଗୀ ଆଦୌ ଠିକ୍ ନୁହେଁ। ଏହା ପାଚନ ରସର ନୈସର୍ଗିକ ପ୍ରବାହକୁ ବାଧା ଦେଇଥାଏ; ଫଳରେ ପାଚନତନ୍ତ୍ର ଉପରେ ଏହାର କୁପ୍ରଭାବ ପଡ଼େ ଏବଂ ଖାଦ୍ୟ ଠିକ୍‌ରେ ହଜମ ହୁଏନାହିଁ। ଅନ୍ୟପକ୍ଷେ ଖଟ ଉପରେ ବସି ଖାଇଲାବେଳେ ଅସାବଧାନତାବଶତଃ ଖାଦ୍ୟର କିଛି ଅଂଶ ଶେଯ ଉପରେ ପଡ଼ିଯାଏ; ଫଳରେ ଶେଯ ଅପରିଷ୍କାର ହୁଏ। କିନ୍ତୁ ତାହାକୁ ସଫା ନ କରି ସେମିତି ଛାଡ଼ିଦେଲେ ଆଉ ପରେ ସେଥିରେ ଶୋଇଲେ ଫଙ୍ଗସ୍ ଇନ୍‌ଫେକ୍ସନ୍ ହୋଇ ଆଲର୍ଜି ଓ ଶ୍ୱାସ ସମ୍ବନ୍ଧୀୟ ସମସ୍ୟା ଦେଖାଯିବାର ଆଶଙ୍କା ରହିଥାଏ। ଏହାଛଡ଼ା ଶେଯରେ ବସି ଖାଇଲେ ଶରୀରର ଓଜନ ବଢ଼ିବା ସଙ୍ଗେସଙ୍ଗେ ନିଦ୍ରାଜନିତ ସମସ୍ୟା ଦେଖାଯାଇଥାଏ ବୋଲି ଅନେକେ ମତ ଦେଇଥା'ନ୍ତି।

# ପାଠକୀୟ

✻ ବଜ୍ରପାତକୁ ରୋକେ ତାଳଗଛ। କିନ୍ତୁ ତାଳଗଛ ସଂଖ୍ୟା କମି କମି ଚାଲିଛି; ଯାହା ଚିନ୍ତା ବଢ଼ାଇଛି ପରିବେଶପ୍ରେମୀଙ୍କର। ଯେଉଁଥିପାଇଁ ନିଜସ୍ୱ ପ୍ରୟାସରେ କାହିଁ କେବେଠାରୁ କିଛି ଲୋକ ଲଗାଇ ଆସୁଛନ୍ତି ତାଳଗଛ। ତେଣୁ ଏଭଳି ଏକ ସମୟୋପଯୋଗୀ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ବଜ୍ର କବଚ' ଶୀର୍ଷକ ଆଲେଖ୍ୟଟି ବେଶ୍ ମନଛୁଆଁ ହୋଇଥିଲା। 'ବାସ୍ତୁ ଅନୁସାରେ ପିଲାଙ୍କ ରୁମ୍', 'ସ୍ୱାସ୍ଥ୍ୟୋପଯୋଗୀ କନ୍ଦମୂଳ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା। **– ରୂପଶ୍ରୀ ପ୍ରଧାନ, ମୟୂରଭଞ୍ଜ**

✻ ଉଚ୍ଚ ତାଳଗଛ ଆକାଶ ଛୁଏଁ, ବାୟାର ବସା ଦୋହଲୁଥାଏ। କିନ୍ତୁ ଆଜିକାଲି ଏ ଦୃଶ୍ୟ ଆଉ ଦେଖିବାକୁ ମିଳୁନି। ତାଳଗଛ ସଂଖ୍ୟା କମିଯାଉଥିବାରୁ ପ୍ରାକୃତିକ ଭାରସାମ୍ୟ ରହୁନାହିଁ, ବଢୁଛି ବଜ୍ରପାତର ତୀବ୍ରତା। ତେଣୁ ତାଳଗଛର ସୁରକ୍ଷା ପାଇଁ ଜନସଚେତନତା ଜରୁରୀ ହୋଇପଡ଼ିଛି; ଯାହାକୁ ନେଇ ଏଥରର ଛୁଟିଦିନରେ ପ୍ରକାଶ ପାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ବଜ୍ର କବଚ'ଟି ଶିକ୍ଷଣୀୟ ହୋଇଥିଲା।

**– ପଲ୍ଲବୀ ପଟ୍ଟନାୟକ, ସମ୍ବଲପୁର**

✻ ବ୍ୟକ୍ତିତ୍ୱ ପୃଷ୍ଠାରୁ କଟକ ଆକାଶବାଣୀର ଅବସରପ୍ରାପ୍ତ ସିନିୟର ପ୍ରୋଗ୍ରାମ ଏକ୍‌ଜିକ୍ୟୁଟିଭ୍ ତଥା ନାଟ୍ୟକାର ଓ ସୁସାହିତ୍ୟିକ ଡ. କିଶୋର ମହାନ୍ତିଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ପ୍ରତ୍ୟାବର୍ତ୍ତନ' ଶୀର୍ଷକ ଗପଟି ବେଶ୍ ମନଛୁଆଁ ହୋଇଥିଲା। ସିନେମା ପୃଷ୍ଠାଟି ବି ଖୁବ୍ ଆକର୍ଷଣୀୟ ଲାଗୁଥିଲା।

**– ପ୍ରଶାନ୍ତ କୁମାର ସାହୁ, ଖଣ୍ଡଗିରି, ଭୁବନେଶ୍ୱର**

✻ ସାହିତ୍ୟିକ ନିରଞ୍ଜନ ନାୟକଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ହୃଦୟସ୍ପର୍ଶୀ ଥିଲା। ସାଥୀର ଉତ୍ତରଗୁଡ଼ିକ ବି ରୋମାଣ୍ଟିକ୍‌ଭରା ଲାଗୁଥିଲା। 'ଅପର୍ଣ୍ଣାଙ୍କ ସର୍ଜନା ଦୁନିଆ' ଶୀର୍ଷକ ପାଠଟି ବି ଖୁବ୍ ମର୍ମସ୍ପର୍ଶୀ ହୋଇଥିଲା। ମଡେଲ୍ ମିରର୍‌ରେ ପ୍ରାଚୀ ଖୁବ୍ ଟ୍ରେଣ୍ଡି ଲାଗୁଥିଲେ। **– ମୀନତି ଦାଶ, ପିପିଲି, ପୁରୀ**

✻ ସହରଠୁ ଦୂର ପୃଷ୍ଠାରୁ 'ଓରାଙ୍ଗ ନ୍ୟାଶନାଲ ପାର୍କ' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ବିବିଧା ପୃଷ୍ଠାରୁ 'ବ୍ଲୁ ଟୁଥ୍' ବିଷୟରେ ବି ଅନେକ ଉପାଦେୟ କଥା ଜାଣିବାକୁ ମିଳିଲା। ବ୍ୟଙ୍ଗପୃଷ୍ଠାରୁ 'ଗୁରୁପୂଜା' ପାଠଟି ପଢ଼ି ମନକୁ ବେଶ୍ ଶାନ୍ତି ମିଳିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ସୁନାଚେନ୍‌ର କେଶ', 'ଏତେ ଲମ୍ବା ଗୋଡ଼', 'ଘର କାମ କରିବ ଏହି ରୋବୋ' ଶୀର୍ଷକ ପାଠଗୁଡ଼ିକ ଖୁବ୍ ମନଛୁଆଁ ହୋଇଥିଲା।

**– ରଘୁବୀର ଚକ୍ରବର୍ତ୍ତୀ, ଦିଲ୍ଲୀ**

## ବିଶେଷ ଚିଠି




ବଜ୍ର କବଚକୁ ନେଇ
ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ
ଲାଗୁଥିଲା ଭାରି ନିଆରା
ଦେଉଥିଲା ନୂଆ ନୂଆ ସମ୍ବାଦ।
ଅଲ୍‌ଟାଇମ୍ ଫ୍ୟାଶନେବଲ୍ ଆଉଟ୍‌ଫିଟ୍
ବି ଥିଲା ଭାରି ଚମତ୍କାର,
ତା'ସାଙ୍ଗକୁ ପୁଣି ନିଆରା ଥିଲା
ତୁମ ପ୍ରଥମ ରୋଜଗାର।
ସତରେ ହେ ଛୁଟିଦିନ
ତୁମର ଷୋହଳ ପୃଷ୍ଠା ଲାଗେ
ସବୁଠୁ ସୁନ୍ଦର, ସବୁଠୁ ଉତ୍ତମ।

**– ଜାନକିଲତା ମହାପାତ୍ର, ରାଉରକେଲା**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ମାତୃଶକ୍ତି



**ସୃଷ୍ଟିର କଲ୍ୟାଣ ଓ ଦୁଷ୍ଟ ସଂହାର ପାଇଁ ଦିନେ ମା' କରିଥିଲେ ଧରାବତରଣ। ଆଉ ଆଜି ବି ସମାଜ କଲ୍ୟାଣ ଏବଂ ସନ୍ତାନର ସୁରକ୍ଷା ପାଇଁ ଅନେକ ମା' ନେଉଛନ୍ତି ଗୁରୁଦାୟିତ୍ୱ...**

ଈଶ୍ୱର ସମସ୍ତଙ୍କ ପାଖରେ ପହଞ୍ଚି ପାରିବେନି ବୋଲି ସେ ମା'କୁ ସୃଷ୍ଟି କରିଛନ୍ତି। ତେଣୁ ମା'କୁ କେବେ କାହା ସହ ତୁଳନା କରାଯାଇ ନ ପାରେ। ମା' ସବୁବେଳେ ମା', ସେ ଜନ୍ମଦାତ୍ରୀ ହୁଅନ୍ତୁ ବା ନ ହୁଅନ୍ତୁ। ସେ ଚାହେଁ କେବଳ ସନ୍ତାନର ମଙ୍ଗଳ। ସେଥିଯୋଗୁ ସୃଷ୍ଟିର କଲ୍ୟାଣ ପାଇଁ ଓ ସମାଜର ମଙ୍ଗଳ ନିମନ୍ତେ ଯୁଗେ ଯୁଗେ ମାତୃଶକ୍ତିର ଖୋଜା ପଡ଼ିଛି। ଆଉ ଆଜି ବି ସମାଜର କଲ୍ୟାଣ ପାଇଁ ସେହି ମାତୃଶକ୍ତି ଆଗକୁ ଆସି ଦମ୍ଭ ଧରି ଛିଡ଼ା ହୋଇଛି।

**ନିର୍ଭୀକା ମା' ପାଇଡ଼ାମା:** ଯନ୍ତ୍ରଣା ଯେତେବେଳେ ଦେହମନକୁ କବଳିତ କରେ, ମଣିଷ ଦୁର୍ବଳ ହୋଇଯାଏ। କିନ୍ତୁ ଏମିତି କେତେଜଣ ମଣିଷ ଅଛନ୍ତି, ଯେଉଁମାନଙ୍କୁ ପ୍ରତିକୂଳ ପରିବେଶ ଭାଙ୍ଗି ଦେଇନି ବରଂ ଅଧିକରୁ ଅଧିକ ଶକ୍ତ କରିଛି। ସେମିତି ଜଣେ ମଣିଷ ହେଲେ **କୋଣ୍ଡାଗିରି ପାଇଡ଼ାମା**। ବୟସ ପ୍ରାୟ ୮୦ ହେବ। କିନ୍ତୁ ଏବେ ବି ସେ ଆଦିବାସୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଜଙ୍ଗଲ ଜମି ଓ ମଦ ବିରୋଧରେ ଲଢ଼ିବା ଜାରି ରଖିଛନ୍ତି। ବନ୍ଧୁଗାଁ ଆଲମଣ୍ଡ ପଞ୍ଚାୟତ, ବାଙ୍କଡ଼ି ଗାଁର କୋଣ୍ଡାଗିରି ପାଇଡ଼ାମା ଦିନେ ଥିଲେ ଜଣେ ସାଧାରଣ ଗୃହିଣୀ। ମଦ କବଳରୁ ନିଜ ସ୍ୱାମୀଙ୍କୁ ବଞ୍ଚାଇବା ପାଇଁ ଘରୁ ପାଦ କାଢ଼ିଥିଲେ। ବଢ଼ିଥିବା ସେହି ପାଦ ଆଉ ପଛକୁ ଫେରି ନ ଥିଲା। ପାଇଡ଼ାମାଙ୍କ ନେତୃତ୍ୱରେ ମଦବିରୋଧୀ ଆନ୍ଦୋଳନରେ ସାମିଲ ହେଲେ ଉଭୟ ପୁରୁଷ ଓ ମହିଳା। କେବଳ ମଦ ବିରୋଧୀ ଆନ୍ଦୋଳନ ନୁହେଁ ନିଜ ଅଞ୍ଚଳର ପିଲାଙ୍କ ପ୍ରାଥମିକ ଶିକ୍ଷା, ସ୍ୱାସ୍ଥ୍ୟ ଓ ଜଙ୍ଗଲ ଜମି ପାଇଁ ଅହରହ ସଂଗ୍ରାମ ଜାରି ରଖିଛନ୍ତି ପାଇଡ଼ାମା। ଏଥିପାଇଁ ଅନେକ ସମସ୍ୟାର ସମ୍ମୁଖୀନ ବି ହେଉଛନ୍ତି। ମିଛ କେସ୍‌ରେ ଜେଲ ବି ଯାଇଛନ୍ତି। ଜଙ୍ଗଲ ମାଫିଆଙ୍କ ଚାପ ତାଙ୍କ ଉପରେ ଯେତିକି ଯେତିକି ବଢ଼ିଛି ସେ ସେତିକି ସେତିକି ନିର୍ଭୀକ ଓ ଦୃଢ଼ ହୋଇଛନ୍ତି। ନିଜ ଶରୀରକୁ ବେଖାତିର କରି ସେ ପାହାଡ଼ ଚଢ଼ି ଲୋକଙ୍କ ପାଇଁ କାମ କରିଛନ୍ତି। ଲୋକେ ବି ତାଙ୍କୁ ବେଶ୍ ମାନିଛନ୍ତି। ଦିନେ ନିଜ ପରିବାର ସଜାଡ଼ିବାର ପଣ ନେଇ ଘରୁ ପାଦ କାଢ଼ିଥିବା ପାଇଡ଼ାମା ଏବେ ସାରା ଅଞ୍ଚଳର ମା' ପାଲଟି ଯାଇଛନ୍ତି।

**ଜୟନ୍ତୀଙ୍କ ସଚେତନତା:** ଶିକ୍ଷାର ଅଭାବ ଓ ଅନ୍ଧବିଶ୍ୱାସ କେମିତି ଆଦିବାସୀଙ୍କ ଜୀବନକୁ ଦୁର୍ବିଷହ କରିଦେଉଛି ଏକଥାକୁ ସେ ଭଲଭାବେ ଅନୁଭବ କରିଥିଲେ। ତେଣୁ ଗାଁ ଗାଁ ବୁଲି ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ କରୁଥିଲେ। ତାଙ୍କର ଏହି ସଚେତନତାମୂଳକ କାର୍ଯ୍ୟ ପାଇଁ ସେ ଫୋର୍ବସ-୨୦୨୪ର ୨୩ଜଣ ଭାରତୀୟ ପ୍ରଭାବଶାଳୀ ମହିଳାଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ଇଏ ହେଲେ ମାଲକାନଗିରି ଜିଲା ସେରପାଲି ଗାଁର ଦମନୀ ବୁରୁଦା ଓ ଗଙ୍ଗାଧର ବୁରୁଦାଙ୍କ ଝିଅ **ଜୟନ୍ତୀ ବୁରୁଦା**। ସେ କୁହନ୍ତି- ଆଦିବାସୀ ପିଲାମାନଙ୍କର ପାଠପଢ଼ା, ଝିଅମାନଙ୍କର ମାସିକ ସମସ୍ୟା ଓ ମହିଳାମାନଙ୍କର ଦୈନନ୍ଦିନ ଜୀବନରେ ନାନା ସ୍ୱାସ୍ଥ୍ୟଗତ ସମସ୍ୟାକୁ ନେଇ ସବୁବେଳେ ଚିନ୍ତା କରୁଥିଲି। କାରଣ ଆମ ଅଞ୍ଚଳରେ କାହାରି ଦେହ ଅସୁସ୍ଥ ହେଲେ ସାଧାରଣତଃ ଝଡ଼ାଫୁଙ୍କା ଓ ଗୁଣିଗାରେଡ଼ିର ସାହାରା ନେଇଥାନ୍ତି। ଗାଁର ଯୁବକମାନେ ପାଠପଢି ନ ଥିବାରୁ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଥାନ୍ତି। ଅନେକ ଗାଁରେ ବିଦ୍ୟୁତ୍ ଆଲୁଅ ସାତସପନ ହୋଇଥିବାବେଳେ ଭଲରାସ୍ତାଟିଏ ହୋଇପାରି ନାହିଁ। ଏମିତି ନାନା ଅସୁବିଧାରେ ଏଠାରେ ଲୋକମାନେ କାଳାତିପାତ କରନ୍ତି। ଏହି ପରିସ୍ଥିତିରୁ କିପରି ଆମ ଅଞ୍ଚଳ ବାହାରିବ ସେ ଚିନ୍ତା ମୋତେ ଘାରୁଥିଲା। ଏହା ଭିତରେ ମୋର ସ୍କୁଲ ପଢ଼ା ସାରିଲି। ତା'ପରେ ମାଲକାନଗିରି ସଦର ମହକୁମାରେ ରହି କଲେଜ ପଢ଼ା ସମୟରେ ବିଡିଓ ଏବଂ ଜିଲାପାଳଙ୍କୁ ଆମ ଅଞ୍ଚଳର ସମସ୍ୟା ସମ୍ପର୍କରେ ଲିଖିତ ଭାବେ ଅବଗତ କଲି। ପ୍ରଥମେ ସେମାନେ ମୋତେ ଗୁରୁତ୍ୱ ଦେଇ ନ ଥିଲେ। କିନ୍ତୁ ଗ୍ରାଜୁଏଶନ ପରେ ସୋସିଆଲ ମିଡିଆରେ ଯୋଡ଼ି ହେବା ସହିତ ମାର୍ଶାଲ ଆର୍ଟ ତାଲିମ ନେଲି। ପୁଣି ଅଧିକ ପଢ଼ିବା ଆଶାରେ କୋରାପୁଟର ସେଣ୍ଟ୍ରାଲ ୟୁନିଭରସିଟିରେ ଆବେଦନ କରି କ୍ୱାଲିଫାଏ ହେଲି। ସେତେବେଳେ କେତେଜଣ ସାଙ୍ଗ ଏଥିରେ ସହଯୋଗ କରିଥିଲେ। କିନ୍ତୁ ଲୋକଙ୍କ ସମସ୍ୟାକୁ ସରକାରଙ୍କ ପାଖେ ଏବଂ ସରକାରଙ୍କ ଯୋଜନାଗୁଡ଼ିକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ସାମ୍ବାଦିକତା ହିଁ ପ୍ରକୃତ ମାଧ୍ୟମ ବୋଲି ଅନୁଭବ କଲି। ରିପୋର୍ଟ ପାଇଁ ବିଭିନ୍ନ ଆଦିବାସୀ ଅଞ୍ଚଳକୁ ବୁଲିବାକୁ ଯାଇ ଲୋକଙ୍କ ସମସ୍ୟା ଦେଖୁଥିଲି। ବିଶେଷକରି ବଢ଼ିଲା ଝିଅ ଓ ମହିଳାମାନଙ୍କ ପାଇଁ ବଡ଼ଦିଦି ନାମରେ ଏକ ଅନୁଷ୍ଠାନ ଗଠନ କରିଥିଲି। ଏଥିରେ ପ୍ରଥମେ ପ୍ରାୟ ୨୦ଜଣ ସଦସ୍ୟ ସାମିଲ ହୋଇଥିଲେ। ଏବେ ଶହେ ସଦସ୍ୟ ହୋଇସାରିଲେଣି। ଏମାନେ ଗାଁ ଗାଁ ବୁଲି ବିଭିନ୍ନ ସମସ୍ୟା ସମ୍ପର୍କରେ ଲୋକଙ୍କୁ ସଚେତନ କରାଉଛନ୍ତି। ବଣ୍ଡାଘାଟି ଓ ମାଲକାନଗିରିରେ କିଛି ସାନିଟାରି ପ୍ୟାଡ ବ୍ୟାଙ୍କ କରିଛୁ। ଏଥିସହିତ ଏକ ପାଠାଗାର ମଧ୍ୟ ହୋଇଛି; ଯେଉଁଠାରେ ଲୋକଙ୍କ ଅସୁବିଧାକୁ ନଜରରେ ରଖି 'ବି ଫ୍ରେଣ୍ଡ' ଫାଉଣ୍ଡେଶନ ପକ୍ଷରୁ ୩ଶହ ପ୍ୟାଡ ଯୋଗାଇ ଦିଆଯାଇଛି। ଏବେ ଗାଁର ମହିଳାମାନେ ସଚେତନ ହେଲେଣି। ଆମ ସଦସ୍ୟମାନେ ବିଭିନ୍ନ ଗାଁର ନାନା ସମସ୍ୟା ସମ୍ପର୍କରେ ଛୋଟଛୋଟ ଭିଡିଓ ସଂଗ୍ରହ କରି ଆମର ଜଙ୍ଗଲରାଣୀ ଟ୍ୟାଗ୍ ଲାଇନରେ ସ୍ଥାନ ଦେଇଥାନ୍ତି; ଯାହାକୁ ୟୁଟ୍ୟୁବ୍ ଓ ଫେସ୍‌ବୁକ ଜରିଆରେ ଶେୟାର କରାଯାଇପାରୁଛି।



କୋଣ୍ଡାଗିରି ପାଇଡ଼ାମା



ଜୟନ୍ତୀ ବୁରୁଦା



ସଞ୍ଜୁକ୍ତା ସେଠୀ



ଟୁନି ଜେନା

**ନାଇଟେଙ୍ଗଲ ସଞ୍ଜୁକ୍ତା:** ଉତ୍ତମ ରୋଗୀସେବା, ବର୍ଜ୍ୟବସ୍ତୁ ପରିଚାଳନା ଓ ଅନ୍ୟାନ୍ୟ ସେବାମୂଳକ କାର୍ଯ୍ୟ ପାଇଁ ମାଲକାନଗିରି ଜିଲା ହସ୍ପିଟାଲର ନର୍ସ **ସଞ୍ଜୁକ୍ତା ସେଠୀ** ରାଷ୍ଟ୍ରପତିଙ୍କଠାରୁ ପାଇଛନ୍ତି ଫ୍ଲୋରେନ୍ସ ନାଇଟେଙ୍ଗଲ୍ ଆୱାର୍ଡ-୨୦୨୪ ପୁରସ୍କାର। ଭାରତୀୟ ନର୍ସିଂ ପରିଷଦ ପକ୍ଷରୁ ଉତ୍ତମ ସେବା ପାଇଁ ସଞ୍ଜୁକ୍ତାଙ୍କ ନାମ ସୁପାରିସ କରାଯାଇଥିଲା। ସଂଯୁକ୍ତାଙ୍କ ଘର କଟକ, ସାଲେପୁରର ଜିଗିନ୍‌ପୁରରେ। ବାପା ନୃସିଂହ ଚରଣ ସେଠୀ ଓ ମା' ନିଶାମଣୀ ସେଠୀ। ଏବେ ମାଲକାନାଗିରି ହସ୍ପିଟାଲର ଅପରେସନ୍ ଥିଏଟର୍‌ର ଇନଚାର୍ଜଭାବେ କାମ କରୁଥିବା ସଂଯୁକ୍ତା କୁହନ୍ତି,'୨୦୦୦ରୁ ୨୦୧୮ପର୍ଯ୍ୟନ୍ତ ହସ୍ପିଟାଲରେ ଏକମାତ୍ର ନର୍ସିଂ ଅଫିସର୍‌ଭାବେ ମୁଁ କାମ କରିଛି। ସେତେବେଳେ କହିବାକୁଗଲେ ମୋର ୨୪ ଘଣ୍ଟିଆ ଡ୍ୟୁଟି। ଖାଇ ବସିଥିବି, ଶୋଇବାକୁ ଯାଉଥିବି ଫୋନ୍ ଆସିଲେ ହସ୍ପିଟାଲ ଯିବି। ତେବେ ମୋ ବଡ଼ ଭଉଣୀ ସରୋଜିନୀ ସେଠୀ ଓ ସ୍ୱାମୀ ଉମାକାନ୍ତ ସାହୁ ଘରକୁ ସମ୍ଭାଳି ନେଉଥିଲେ ବୋଲି ହସ୍ପିଟାଲରେ ଏତେ ସମୟ ରହି ସେବା କରିବା ମୋ ପାଇଁ ସହଜ ହୋଇଯାଇଥିଲା। ମୋର ଏକମାତ୍ର ଇଚ୍ଛା ଅବସର ପରେ ବି ଜୀବନ ଥିବାଯାଏ ଯେ ପର୍ଯ୍ୟନ୍ତ କାମ କରିପାରୁଥିବି ରୋଗୀସେବା କରିବି।

**ମଦ ବିରୋଧୀ ଟୁନି:** ୧୯୯୯ ମହାବାତ୍ୟା ପରେ ଅଣ୍ଟା ସଳଖି ଛିଡ଼ାହେବାକୁ ଚାହୁଁଥିବା ମଣିଷମାନଙ୍କ ଭିତରେ ସେ ଥିଲେ ଜଣେ। ମହାବାତ୍ୟାରେ ସବୁକିଛି ହରାଇ ସାରିଥିବା ମଣିଷ ବଞ୍ଚିବା ପାଇଁ ଜୁଟେଇ ପାରୁ ନ ଥିଲା ସାହସ କି ଆତ୍ମବିଶ୍ୱାସ। ଦୁଃଖ ହତାଶାକୁ ଭୁଲିବା ପାଇଁ ସେ ବିକଳ୍ପ ଖୋଜୁଥିଲା। ଯାହାର ସୁଯୋଗ ନେଇଥିଲେ ମଦ ମାଫିଆ। ଲୋକ ବାଟବଣା ହେଲେ। ଘରେ ରହି ଯାଇଥିବା ବାକି ସମ୍ପତ୍ତିକୁ ମଦ ପାଇଁ ବିକିବାକୁ ଭୁଲିଲେନି। ଯାହା ଚିନ୍ତା ବଢ଼ାଇଲା ଘର ଚଳାଉଥିବା ମହିଳାଙ୍କର। ସେଇଠୁ ତେଜିଲା ବିଦ୍ରୋହ। ଏହି ବିଦ୍ରୋହର ଯିଏ ଆଗରେ ରହିଲେ ସେ ଥିଲେ ଭଦ୍ରକ ଜିଲା ଦେଉଳା ଗ୍ରାମର **ଟୁନି ଜେନା**। ଟୁନି ଘର ଘର ବୁଲି ମହିଳାମାନଙ୍କୁ ମଦ ବିରୋଧରେ ସଚେତନ କଲେ। ସୁଯୋଗକୁ ସମସ୍ତେ ତାଙ୍କୁ ମାନିଲେ। ତାଙ୍କର ପ୍ରଥମ ପ୍ରହାର ଥିଲା ଦେଉଳା ବଜାରର ମଦ ଭାଟିରେ। ଭାଟି ମାଲିକଙ୍କୁ ବାନ୍ଧି ପକାଇଲେ ଗଛରେ। ପେଟି ପେଟି ମଦ ଉଠାଇ ଆଣି ରାସ୍ତାରେ ଫିଙ୍ଗିଲେ। ଗାଁକୁ ଗାଁ ବୁଲି ସଭା କଲେ। ତାଙ୍କ ଆନ୍ଦୋଳନ ଏତେ ଶକ୍ତ ହେଲା ଯେ, ଯେଉଁ ଯେଉଁ ଗାଁରେ ସଂଗଠନ ଗଢ଼ାହେଲା ସେହି ଗାଁରେ ଆଉ ମଦଭାଟି ତିଷ୍ଠିପାରିଲା ନାହିଁ। ଏହାସହ ଗାଁରେ ଝିଅବୋହୂଙ୍କ ଉପରେ ହୋଇଥିବା ଅତ୍ୟାଚାର ବିରୋଧରେ ସେ ସ୍ୱର ଉତ୍ତୋଳନ କଲେ।

ସତ କହିଲେ ନାରୀ ଯେତେବେଳେ ଶକ୍ତ ହୁଏ ସେ ଅସମ୍ଭବକୁ ସମ୍ଭବ କରିପାରେ। ଯାହା ପ୍ରମାଣ କରିଛନ୍ତି ଏମାନଙ୍କ ପରି ଅନେକ ମହିଳା।

**-ରୋଜାଲିନ ମହାନ୍ତି**

**ଦୁର୍ଯ୍ୟୋଧନ ପାତ୍ର, ଅମିତାଭ ବେହେରା**



# ଗର୍‌ବା-ଦାଣ୍ଡିଆ ଲୁକ୍



**ଦୁର୍ଗାପୂଜା ମାହୋଲକୁ ଆହୁରି ସୁନ୍ଦର କରିବାକୁ ଅନେକ ସ୍ଥାନରେ ଗର୍‌ବା ଓ ଦାଣ୍ଡିଆ ନୃତ୍ୟର ଆୟୋଜନ କରାଯାଇଥାଏ। ଏହି ଖାସ୍ ଅବସରରେ ପିନ୍ଧିବା ପାଇଁ ଝିଅମାନେ ସାଧାରଣତଃ ଲେହେଙ୍ଗା ଚୋଲିକୁ ପସନ୍ଦ କରିଥାନ୍ତି। ହେଲେ ଏହାଛଡ଼ା ବି କିଛି ଖାସ୍ ଆଉଟ୍‌ଫିଟ୍ ରହିଛି; ଯାହାକୁ ପିନ୍ଧି ଆକର୍ଷଣୀୟ ଗର୍‌ବା-ଦାଣ୍ଡିଆ ଲୁକ୍ ପାଇହେବ...**



✲ **ଧୋତି ପ୍ୟାଣ୍ଟ ଓ ପେପ୍ଲମ୍ କୁର୍ତ୍ତା:** ଦାଣ୍ଡିଆ କିମ୍ବା ଗର୍‌ବା ନାଇଟ୍‌ରେ ପିନ୍ଧିବା ପାଇଁ ଧୋତି ପ୍ୟାଣ୍ଟ ସହ ପେପ୍ଲମ୍ କୁର୍ତ୍ତାର କମ୍ବିନେଶନ ଏକ ଭଲ ଅପ୍ସନ ହୋଇପାରେ। ଏହି ଟାଇପର ଆଉଟ୍‌ଫିଟ୍ ଟ୍ରେଣ୍ଡି ଓ କମ୍ଫର୍ଟେବଲ୍ ଲୁକ୍ ଦେଇଥାଏ। ଖାସ୍‌କରି ଏହା ସହିତ ବ୍ଲାକ ମେଟାଲ୍‌ର ଜୁଏଲେରୀ ପିନ୍ଧିଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗିଥାଏ। ବିଶେଷକରି କାନରେ ବଡ଼ ଝୁମ୍‌କା ସାଙ୍ଗକୁ ମଥାରେ ବିନ୍ଦି ଏହି ଲୁକ୍‌କୁ ପର୍ଫେକ୍ଟ ମ୍ୟାଚ୍ କରିଥାଏ।

✲ **ଗୁଜରାଟୀ ସ୍କର୍ଟ ସାଙ୍ଗକୁ ଶାର୍ଟ:** ଗର୍‌ବା କିମ୍ବା ଦାଣ୍ଡିଆ ନାଇଟ୍ ପାଇଁ ଏହି କମ୍ବିନେଶନ ବି ଆଉଟଷ୍ଟାଣ୍ଡିଂ ଲୁକ୍ ଦେବ। ଖାସ୍‌କରି ହ୍ୱାଇଟ୍ ଓ ରେଡ୍‌ର କମ୍ବିନେଶନରେ ଥିବା ଏହି ଆଉଟ୍‌ଫିଟ୍ ଅଧିକ ଆକର୍ଷଣୀୟ ଲାଗିଥାଏ। ତା'ଛଡ଼ା ଯୁବତୀ ଚାହିଁଲେ ନିଜ ପସନ୍ଦ ମୁତାବକ କଲରଫୁଲ୍ ମ୍ୟାଚିଂ ସ୍କର୍ଟକୁ ଶାର୍ଟ ସାଙ୍ଗରେ ପେୟାର୍ କରି ଗର୍‌ବା ନୃତ୍ୟ ହେଉ କି ଦାଣ୍ଡିଆ ନୃତ୍ୟ କରିବାକୁ ବେଶ୍ ଆରାମରେ ଯାଇପାରିବେ। ଖାସ୍‌କରି ଏହି ଟାଇପର ଆଉଟ୍‌ଫିଟ୍ ସାଙ୍ଗକୁ ସିଲଭର୍ ଜୁଏଲେରୀ ବହୁତ ଭଲ ମାନିଥାଏ। ସିଲଭର୍ ନେକ୍‌ପିସ୍ ପିନ୍ଧିଲେ ତ ଲୁକ୍ ଆହୁରି ସୁନ୍ଦର ଦେଖାଯାଇଥାଏ।

✲ **ଜିନ୍ସ ସାଙ୍ଗକୁ ଶାଢ଼ି:** ଗର୍‌ବା କିମ୍ବା ଦାଣ୍ଡିଆ ନାଇଟ୍‌ରେ ଯଦି ଓ୍ୱେଷ୍ଟର୍ନ ଦାଣ୍ଡିଆ ଲୁକ୍‌ରେ ଯିବାକୁ ଚାହୁଁଥିବେ ତା'ହେଲେ ସେ କ୍ଷେତ୍ରରେ ଯୁବତୀ ଚାହିଁଲେ ଜିନ୍ସ ହେଉକି ପ୍ଲେନ୍ ପ୍ୟାଣ୍ଟ ସାଙ୍ଗକୁ ପେୟାର୍ କରି ଶାଢ଼ିକୁ ଟିକେ ଡିଫରେଣ୍ଟ ଭାବେ ପିନ୍ଧି ଯାଇପାରିବେ। ଏହା ସେମାନଙ୍କୁ ପର୍ଫେକ୍ଟ ଓ୍ୱେଷ୍ଟର୍ନ ଦାଣ୍ଡିଆ ଲୁକ୍ ଦେଇଥାଏ। ଏହି ଲୁକ୍ ସାଙ୍ଗକୁ ଜଙ୍କ୍ ଜୁଏଲେରୀ ପର୍ଫେକ୍ଟ ମ୍ୟାଚ୍ କରିଥାଏ।

✲ **ବାନ୍ଧେନୀ ଶାଢ଼ି:** ଗର୍‌ବା କିମ୍ବା ଦାଣ୍ଡିଆ ନାଇଟ୍‌ରେ ବାନ୍ଧେନୀ ଶାଢ଼ି ପିନ୍ଧିଲେ ବି ଆକର୍ଷଣୀୟ ଲୁକ୍ ମିଳିଥାଏ। ଯଦି ଅଫିସ୍‌ରେ ହେଉଥିବା ଗର୍‌ବା କିମ୍ବା ଦାଣ୍ଡିଆ ଫଙ୍କଶନ୍‌କୁ ଯିବାର ଥାଏ, ତା'ହେଲେ ଏହାକୁ ପିନ୍ଧିଲେ କ୍ଲାସିକ୍ ଲୁକ୍ ମିଳିଥାଏ। ଏହା ସାଙ୍ଗକୁ ମ୍ୟାଚିଂ ଜୁଏଲେରୀ ଲୁକ୍‌କୁ ଆହୁରି ଆକର୍ଷଣୀୟ କରିଦେଇଥାଏ। ଯଦି ଶାଢ଼ି ପିନ୍ଧିବାକୁ ଇଚ୍ଛା ନାହିଁ ତା'ହେଲେ ବାନ୍ଧେନୀ ଡିଜାଇନ୍‌ର ଲେହେଙ୍ଗା ବି ଏହି ଅକେଜନ୍ ପାଇଁ ଅନ୍ୟ ଏକ ବିକଳ୍ପ ହୋଇପାରେ।


**କିଛି ଟିପ୍ସ**


✲ ସାଧାରଣତଃ ଟ୍ରାଡିଶନାଲ ଗର୍‌ବା-ଦାଣ୍ଡିଆ ଲୁକ୍‌ରେ ଆଉଟ୍‌ଫିଟ୍ ଟିକେ କଲରଫୁଲ୍ ହୋଇଥାଏ। ଏଥିରେ ଯୁବତୀ ଚାହିଁଲେ କଲରଫୁଲ୍ ଶାଢ଼ି, ଲେହେଙ୍ଗା ହେଉ କି ସ୍କର୍ଟ ଓ ଶାର୍ଟ ପିନ୍ଧିପାରିବେ।

✲ ଯଦି ଏହି ନାଇଟ୍ ପାଇଁ ମଡର୍ନ ଲୁକ୍ ଚାହୁଁଥାନ୍ତି, ତା'ହେଲେ ବାନ୍ଧେନୀ ହେଉ ଅବା ଗୋଟାପଟ୍ଟୀ ଓ୍ୱାର୍କବାଲା ଲେହେଙ୍ଗା କ୍ୟାରି କରିପାରିବେ। ଏହା ସହିତ ସିଲ୍‌ଭର୍ ଜୁଏଲେରୀ ଓ ମଥାରେ କଳା ବିନ୍ଦି ବେଶ୍ ଭଲ ମାନିଥାଏ।

✲ ମିରର୍ ଓ୍ୱାର୍କ ହୋଇଥିବା ଲେହେଙ୍ଗା ବି ଏହି ଅକେଜନ୍‌ରେ ଯୁବତୀଙ୍କୁ ଟିକେ ଡିଫରେଣ୍ଟ ଲୁକ୍ ଦେଇଥାଏ।







ପାର୍ବଣର ପବିତ୍ରତା ଓ ଦେବୀଙ୍କ ଆରାଧନା ଏକ ମହାର୍ଘ ଉପଲବ୍ଧି । ଶକ୍ତି, ଶୌର୍ଯ୍ୟ ଏବଂ ସୌନ୍ଦର୍ଯ୍ୟର ପ୍ରତୀକ ମାଆଙ୍କୁ ନିବେଦନ କରି ରଚିତ ହୁଏ କେତେ କାବ୍ୟ କେତେ ମନ୍ତ୍ର । କବି ସେହି ମାନ୍ତ୍ରିକ ଯିଏ ଶବ୍ଦର ଝରଣା ବୁହାଇ ଦିଏ ମାଆଙ୍କ ନିରାଜନା ନିମନ୍ତେ....

# ମା'

## ମାଆ ଆସ ଅବତରି

**ଶ**କ୍ତି ସ୍ୱରୂପିଣୀ ମାତା ଆସ ଅବତରି
ଏଇ ଧରାଧାମ ଉଠୁ ଆନନ୍ଦେ ଉଚ୍ଛୁଳି
ଦିବ୍ୟ ତେଜ ବଳେ ନାଶି ଅମା ଅନ୍ଧକାର
ପାପ ତାପ କଷ୍ଟ କ୍ଲେଶ କର ମା' ଗୋ ଦୂର ।

***– ଲତିକା ମହାପାତ୍ର***
*ମୋ: ୯୮୬୧୩୮୫୫୩୯*

## ଦେବୀ

**ଧ**ରା ପରେ ଏ କାହା ପାଦର ସ୍ନେହମୟୀ ସ୍ପର୍ଶ !
ପବନରେ ପ୍ରବାହିତ ଶାନ୍ତି ମୈତ୍ରୀ ମଧୁ ,
ଆକାଶରୁ ଝରିପଡ଼େ ଅମୃତର ବିନ୍ଦୁ
କାଶତଣ୍ଡୀର ନତଶିରେ ଭକ୍ତି ଆବାହନ
ଶେଫାଳିର ସୁକୋମଳ ପ୍ରେମ ସମର୍ପଣ
ସତେ ଅବା କେଉଁ ଚିତ୍ରକରର
ଜୀବନର ସ୍ୱପ୍ନ , ସତ୍ୟ ଚିରନ୍ତନ !!!

***–ବନ୍ଦନା ପଣ୍ଡା***
*ମୋ: ୯୪୩୭୪୨୮୬୪୯*

## ଦେବୀ

**ଜ**ହ୍ନ ରାଇଜ କଥା
ପିଲାବେଳୁ ଶୁଣିଛି
ଶୁଣିଛି ବି ଅଯୁତ ଯନ୍ତ୍ରଣାର କାରାଗାରରୁ
ଶିଶୁହନ୍ତା ରାକ୍ଷସର ନୀଳଜହରରୁ
ଦେବୀଟିଏ କେମିତି ମୁକୁଳେଇପାରେ
ଆଉ ଜଣକ ଦେବୀତ୍ୱ ।
ମୁଁ ତ କେବେଠୁ ସମର୍ପି ଦେଇଛି
ଦେହ ମନ ସବୁ ତୋ' ଆଡ଼େ ।

***–ସ୍ମୃତି ରଞ୍ଜନ ତ୍ରିପାଠୀ***
*ମୋ:୯୪୩୮୩୧୫୩୮୧*

## ଦେବୀ

**ଏ**ତେସବୁ ଅଘଟଣର ଉହାଡ଼ରେ
ଅପୂର୍ବ କିଛି  ଘଟେଇ ପାରନ୍ତ,
ଯଦି ତୁମେ ଇଛନ୍ତ ଦେବୀ
ପ୍ରଳୟ ପୟୋଧିରୁ
ତୁମକୁ ତୁମେ ବଞ୍ଚାନ୍ତ,
ଶୂନ୍ୟ ଆଞ୍ଜୁଳିରେ ଭରିଦିଅନ୍ତ
ଜିଅନ୍ତା ସ୍ୱପ୍ନ
କଳିପାରନ୍ତ ନିର୍ଭୟା ମାନଙ୍କ କ୍ଷତ,
ଭେଟାଇ ପାରନ୍ତ
ଅଦେଖା ଈଶ୍ୱର ଏବଂ
ଅମୃତ କଳସର ଦେଶ ।
ଫେରିବାକୁ ଆସୁଥିବ, ଏମିତି ହେବନି
ଇଛାମୟୀ  ;
ମଙ୍ଗ ସମ୍ଭାଳିବାକୁ
ଅସ୍ଥିର ସମୁଦ୍ରରେ ତୁମକୁ
ଓହ୍ଲାଇବାକୁ ହେବ ନିଶ୍ଚୟ ।

***–ରଶ୍ମି ମହାପାତ୍ର***
*ମୋ:୯୩୨୪୯୬୮୭୮୯*

## ମୋହିନୀ

**ସ**ମୁଦ୍ର ମନ୍ଥନେ ସ୍ମରିଲେ ବିଷ୍ଣୁ
ଆଶ୍ରୟ ଲୋଡ଼ିଲେ ତୋର
କୋଟି ଲାସ୍ୟମୟୀ ବେଶ
ଅରପିଲୁ ମାଗୋ
ତୋ ରୂପରେ ମୋହିତ
ସୁର,ଅସୁର,ମହେଶ
ତୋ ମୋହ ସଂସାର
ନିତି ସୁଖର ବେଭାର
ତୋ ଦ୍ରୋହରେ ସର୍ବନାଶ ।


***– ଅନୀତା ପାଣି***
*ମୋ:୮୩୨୭୭୦୫୯୭୦*

## ମା'

**ମୋ** ହୃଦୟ ତଟିନୀର କୂଳେ
ଶୁଭ୍ର କାଶତଣ୍ଡୀ ଫୁଟେ
ଶରତ ଶିଶିର ଲାଗି ଢଳ ଢଳ
ଦିବ୍ୟ ରୂପ ତା' ଚହଟେ ।


***– ଡ. ଭରତ ଚନ୍ଦ୍ର ଦାଶ***
*ମୋ: ୮୯୮୪୪୩୯୧୬୬*





# ମା’ ହେଲେ ସାହା









**ମା**ତୃଶକ୍ତି ହିଁ ସଂସାରରେ ସବୁଠାରୁ ବଡ଼ ଶକ୍ତି। ସେ ଦୁର୍ଗା, ଲକ୍ଷ୍ମୀ ଓ ସରସ୍ୱତୀ। ଏଥିପାଇଁ ତାଙ୍କ ଚିତ୍ରକଳାରେ ନାରୀଶକ୍ତିର ବିଭିନ୍ନ ରୂପ ପ୍ରତିବିମ୍ବିତ ହୋଇଥାଏ। ତାଙ୍କ ପ୍ରତିଭାକୁ ବିଭିନ୍ନ ଅନୁଷ୍ଠାନରୁ ମିଳିଛି ବହୁ ସମ୍ମାନ ଓ ପୁରସ୍କାର । ସେ ହେଲେ ଶିଳ୍ପୀ **ନିବେଦିତା ପଟ୍ଟନାୟକ**। ମା’–ରେଣୁବାଳା ପଟ୍ଟନାୟକ, ପିତା–ଜଗଦୀଶ ପଟ୍ଟନାୟକ। ଘର ବଲାଙ୍ଗୀର ଜିଲାର କଲେଜ ଛକରେ। ନିବେଦିତାଙ୍କ ପିଲାଦିନ କଟିଛି ଭୁବନେଶ୍ୱରରେ। ସେ କୁହନ୍ତି, ‘ଭୁବନେଶ୍ୱରରେ ରହି ସରସ୍ୱତୀ ଶିଶୁମନ୍ଦିରରେ ପଢୁଥିବାବେଳେ ସେଠାରେ ପ୍ରତି ସପ୍ତାହରେ ଶିଶୁସଭା ହେଉଥିଲା। ଏଥିପାଇଁ ଛାତ୍ରୀଛାତ୍ରମାନେ କିଛି ଡ୍ରଇଁ କରୁଥିଲୁ। ଅଙ୍କନ କରିଥିବା ବିଭିନ୍ନ ଚିତ୍ରକୁ ଶିଶୁସଭାରେ ପ୍ରଦର୍ଶନ କରାଯାଉଥିଲା। ସେହି କାର୍ଯ୍ୟକ୍ରମରେ ଏକାଧିକଥର ପ୍ରଥମ ହୋଇଛି। ଫଳରେ ଚିତ୍ରକଳା ପ୍ରତି ମୋ ଭିତରେ ଅଧିକ ଆଗ୍ରହ ବଢିଥିଲା ଓ ଅଧିକରୁ ଅଧିକ ଚିତ୍ର କରୁଥିଲି। ଶିଶୁମନ୍ଦିରରୁ ୧୦ମ ପାସ୍ କଲା ପରେ ବିଭୂତି କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଆର୍ଟ ତାଲିମ ପାଇଁ ନାମ ଲେଖାଇଲି। ଏଠାରେ ପେଣ୍ଟିଂରେ ୫ବର୍ଷିଆ କୋର୍ସ ସାରିଲି। ୧୯୯୪ରେ ବି.କେ ଆର୍ଟ କଲେଜରୁ ବି.ଫାଇନ ଆର୍ଟ ପେଣ୍ଟିଂରୁ ପ୍ରଥମ ସ୍ଥାନରେ ଉର୍ତ୍ତୀର୍ଣ୍ଣ ହୋଇଥିଲି। ସମୟକ୍ରମେ ବିଭିନ୍ନ ଆର୍ଟ ଶିବିରରେ ଯୋଗଦେଲି। ପ୍ରଥମେ ମୋ ପୁଅ ପୁଲକର ଚାଇଲ୍ଡ ସାଇକୋଲୋଜିକୁ ନେଇ କେତୋଟି ଛବି ଆଙ୍କିଥିଲି । କିନ୍ତୁ ଏହାପରେ ସମାଜରେ ନାରୀ ଶକ୍ତିର ବିଭିନ୍ନ ଉତ୍ସକୁ ନେଇ ଏକାଧିକ ଚିତ୍ର ଅଙ୍କନ କଲି। ସେହିଭଳି ନାରୀଶକ୍ତିକୁ ନେଇ ମଧ୍ୟ ବିଭିନ୍ନ ଚିତ୍ର ଅଙ୍କନ କଲି। କାରଣ ମାତୃ ଶକ୍ତି ହିଁ ସଂସାରର ସବୁଠାରୁ ବଡ଼ ଶକ୍ତି। ମୁଁ ମୋ ଚିତ୍ରରେ ଗୃହିଣୀଙ୍କୁ ମଧ୍ୟ ବହୁତ ପ୍ରାଧାନ୍ୟ ଦେଇଥାଏ। ନାରୀଶକ୍ତି ଉପରେ ଅଙ୍କିତ ମୋର ବିଭିନ୍ନ ଚିତ୍ର ରାଜ୍ୟ ଓ ରାଜ୍ୟ ବାହାରେ ପ୍ରଦର୍ଶିତ ହୋଇଛି। କେତେକ ଚିତ୍ରକୁ ନେଇ ଗଭର୍ମେଣ୍ଟ ଅଫ୍ ଇଣ୍ଡିଆର ସିନିୟର୍ ଫଇଲୋଶିପ ପାଇଥିଲି। ଯାହାର ଶୀର୍ଷକଥିଲା– ଗୃହିଣୀ (the key of life)। ମୁଁ ଅଙ୍କନ କରିଥିବା ପ୍ରତ୍ୟେକ ଚିତ୍ରରେ ନାରୀକୁ ପ୍ରମୁଖ ଭୂମିକାରେ ନିଜସ୍ୱ ଶୈଳୀରେ ସ୍ଥାନ ଦେଇଥିବାରୁ ଚଳିତବର୍ଷ ଫେବୃଆରୀ ମାସ, ନୂଆଦିଲ୍ଲୀରେ ପ୍ରଦର୍ଶିତ ‘ଅନ୍‌ଫୋଲ୍ଡେଡ ଥଟ୍’ ଶୀର୍ଷକ ଚିତ୍ର ବହୁଚର୍ଚ୍ଚିତ ହୋଇଥିଲା। ଅନ୍ୟପକ୍ଷେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଲାଗି–ଚିଲିକାରେ ଆୟୋଜିତ ଗୁପ୍ତ ବ୍ରହ୍ମ ଚିତ୍ରକଳା ପ୍ରଦର୍ଶନୀ–୨୦୨୩ ଚିତ୍ରକଳା ଶିବିରରେ ଯୋଗଦେଇ ଲୀଳାକ୍ଷେତ୍ର କାଙ୍କଣ ଶିଖରୀ, ସୋନପୁରରେ ପାତାଳି ଶ୍ରୀକ୍ଷେତ୍ର, କଣ୍ଟିଲୋ ନୀଳମାଧବ ଓ ଶରଣ ଶ୍ରୀକ୍ଷେତ୍ର ପ୍ରମୁଖକୁ ନେଇ କେତେକ ଚିତ୍ର ଅଙ୍କନ କରିଥିଲି। ସେହିପରି ଗ୍ରୁପ୍ ଶୋ’ ଏବଂ ଶୋଲ୍ ଶୋ’ ଚିତ୍ରକଳା ପ୍ରଦର୍ଶନୀରେ ଯୋଗଦେଇଥିଲି। ୨୦୨୩, ଦିଲ୍ଲୀଠାରେ ସିସିଆର ଅଡିଟୋରିୟମ ଆର୍ଟ ଅଫ୍ ର୍ୟାମ – ରଙ୍ଗୀ ରମଣୀରେ ଯୋଗ ଦେବା ସହ ଓଡ଼ିଶା ଲଳିତକଳା ଏକାଡେମୀ ତରଫରୁ ଜାତୀୟ ମହିଳା ଆର୍ଟିଷ୍ଟ ଶିବିର, ରଙ୍ଗସୂତ୍ର– ଜାତୀୟ କ୍ରାଫ୍ଟ ମ୍ୟୁଜିୟମ ଦିଲ୍ଲୀ–୨୦୨୨, ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି–୨୦୨୨ରେ ବି ଯୋଗ ଦେଇଛି। ତା’ସହ ଦିଲ୍ଲୀ, ଚଣ୍ଡିଗଡ଼, ବିହାର, ବେଙ୍ଗାଲୁରୁ, ଭୋପାଳ ଏବଂ ଅନ୍ତର୍ଜାତୀୟ ଆର୍ଟ ପ୍ରଦର୍ଶନୀ ଜେନୁଜ ଆର୍ଟ ଗ୍ୟାଲେରୀ, ନୀଧୀ ଭ୍ୟାନ ପେଣ୍ଟିଙ୍ଗ କ୍ୟାମ ବୃନ୍ଦାବନ, ଲଳିତକଳା ଏକାଡ଼େମୀ ଓଡ଼ିଶା ତରଫରୁ ଶ୍ରୀ ଗୁଣ୍ଡିଚା ଜାତୀୟ ମହିଳା ଆର୍ଟିଷ୍ଟସ୍ ଓ ୧୯୯୫ ମି ଉଇଥ୍ ନେଚର୍–ଭୁବନେଶ୍ୱର ସୂଚନା ଭବନଠାରେ ଆୟୋଜିତ ଚିତ୍ରକଳା ଶିବିରରେ ଯୋଗଦେଇ ଏଯାଏ ପ୍ରାୟ ୨ହଜାର ପେଣ୍ଟିଂକଳାର ପ୍ରଦର୍ଶନ କରିସାରିଲାଣି। ଆଉ ଚିତ୍ରଶିଳ୍ପୀ ଜୀବନର ନାନା ଅନୁଭୂତିକୁ ନେଇ ବହୁ ଅଭିଜ୍ଞତା ହାସଲ କରିପାରିଛି ଓ ବହୁ ଶିକ୍ଷା ବି ମିଳିଛି। ୨୦୦୭ରେ ଯେବେ ନୂଆଦିଲ୍ଲୀରେ ରହୁଥିଲି ସେବେଠାରୁ ଚିତ୍ରକଳା ସାଧନା ଚାଲିଛି। ନିଜସ୍ୱ ଉଦ୍ୟମରେ ‘ଆର୍ଟହୋମ୍’ ନାମରେ ଏକ ଆର୍ଟ ସ୍କୁଲ ଗଠନ କରିଛି। ଏକକ ଚିତ୍ରରେ ଏକ ନୂତନ ପେଣ୍ଟିଂ ସିରିଜ୍ ଅଙ୍କନ କରି ବାଳିକା ବାଳକମାନଙ୍କୁ ତାଲିମ ଦେଉଛି। ଏହାବାଦ ଚିତ୍ରକର ବିଶ୍ୱବିଦ୍ୟାଳୟ ଚଣ୍ଡିଗଡ଼–୨୦୨୩, ଧଉଳି ଆର୍ଟ ଆଣ୍ଡ କ୍ରାଫ୍ଟ–୨୦୧୭, ଆର୍ଟିଷ୍ଟ ଆସୋସିଏଶନ ଓଡ଼ିଶା, ରାଜ୍ୟସ୍ତରୀୟ ବାର୍ଷିକ ଚିତ୍ରକଳା ପ୍ରଦର୍ଶନୀ, ଓଡ଼ିଶା ରିଜିଓନାଲ ଚାପ୍‌ଟର ଭଳି ବହୁ ସଂସ୍ଥାରୁ ପୁରସ୍କୃତ ବି ହୋଇଛି। ଚିତ୍ରକଳା ପ୍ରତି ମୋର ପ୍ରଥମରୁ ଦୁର୍ବଳତା ଥିଲେ ବି ମୋ ବାପା କିନ୍ତୁ ଏ କ୍ଷେତ୍ରରେ ମୋର ପ୍ରେରଣା । ବାପାଙ୍କ ପରେ ସ୍ୱାମୀ ପ୍ରଦୋଷ ସ୍ୱାଇଁ ମଧ୍ୟ ମତେ ଏ କ୍ଷେତ୍ରରେ ଆଗକୁ ଯିବାରେ ଅନେକ ସାହାଯ୍ୟ କରିଛନ୍ତି। ଆଉ ସବୁଠୁ ବଡ଼ କଥା ହେଲା ସେ ବି ଜଣେ ଶିଳ୍ପୀ। ଆର୍ଟ କଲେଜରେ ପଢୁଥିବାବେଳେ ତାଙ୍କ ସହ ମୋର ଭେଟ ହୁଏ। ଏବଂ ପରେ ତାଙ୍କ ସହ ମୋର ବିବାହ ହୁଏ। ପରସ୍ପର ମଧ୍ୟରେ ଚିତ୍ରକଳାର ବିଭିନ୍ନ ଦିଗକୁ ନେଇ କିଛି ନୂଆଚିନ୍ତନ ସୃଷ୍ଟି କରିଥାଉ। ଘରେ ପ୍ରତିବର୍ଷ ଦୁର୍ଗାପୂଜା ବେଳେ ମା ଦୁର୍ଗାଙ୍କ ବନ୍ଦନା ପଢ଼ିଥାଏ। କିନ୍ତୁ ଆଜକୁ ଠିକ୍ ୪ ବର୍ଷ ତଳେ ହଠାତ୍ ମୋର ଗୋଟେ ଆଖିର ଦୃଷ୍ଟିଶକ୍ତି ଅଧା କମିଗଲା । ଡ଼ାକ୍ତରଙ୍କଠାରୁ ଏ କଥା ଶୁଣିବା ପରେ ବିବ୍ରତ ହୋଇପଡ଼ିଥିଲି। କାରଣ ଚିତ୍ରଶିଳ୍ପୀର ଆଖି ହିଁ ସବୁକିଛି। ମୋ ଯେମିତି ପାଦତଳୁ ମାଟି ଖସିଗଲା। ଭାବିଲି କେବଳ ମୋ ପାଇଁ ଠାକୁର ଯଦି ସାହା ହେବେ ମୁଁ ଏଥିରୁ ଉଦ୍ଧାର ପାଇବି। ମନେ ମନେ ମହାପ୍ରଭୁ ଶ୍ରୀଜଗନ୍ନାଙ୍କୁ ଡାକିଲି। ମା’ ବିମଳାଙ୍କୁ ପ୍ରାର୍ଥନା କଲି। ଠାକୁରଙ୍କ ଆଶୀର୍ବାଦରୁ ଏମ୍‌ସ ଦିଲ୍ଲୀରେ ଅପେରେଶନ ହେବାପରେ ସବୁ ଠିକ୍‌ଠାକ୍ ହୋଇଗଲା। ମୁଁ ପୁଣି ଧୀରେ ଧୀରେ ପୂର୍ବ ଦୃଷ୍ଟିଶକ୍ତିକୁ ଫେରିପାଇଲି। ମତେ ଲାଗିଲା ପ୍ରଭୁଙ୍କ ଦୟାରୁ ମୁଁ ଦୃଷ୍ଟିଶକ୍ତି ଫେରିପାଇଲି। ସେଥିପାଇଁ ପ୍ରଭୁ ଜଗନ୍ନାଥ ଓ ମା’ ବିମଳାଙ୍କୁ ଦର୍ଶନ କରିବା ପାଇଁ ପୁରୀ ଯାଇଥିଲି। ତା’ପର ଠାରୁ ମୋର ମା’ଙ୍କ ଶକ୍ତି ଉପରେ ଅଗାଧ ବିଶ୍ୱାସ ଆସି ଯାଇଥିଲା। ସେବେଠାରୁ ମୁଁ ଭାରତର ବିଭିନ୍ନ ଶକ୍ତିପୀଠ ବୁଲୁଛି। ଯାହାମଧ୍ୟରେ ବୃନ୍ଦାବନର ମାତା କାତାୟନୀ, ରାଜସ୍ଥାନର ମାତା ଅମ୍ବିକା, ମାତା ଭଦ୍ରକାଳୀ–କୁରୁକ୍ଷେତ୍ର ଆଦି ପୀଠକୁ ଯାଇ ମା’ଙ୍କ ଦର୍ଶନ କରିଛି। ମା’ଙ୍କୁ ଦର୍ଶନ କରିବା ପରେ ମୋ ଭିତରେ ଆତ୍ମବିଶ୍ୱାସ ବଢ଼ିଯାଇଛି। ଏହା ମତେ ଚିତ୍ର କରିବାକୁ ପ୍ରେରଣା ଦେଉଛି।

**ମତେ ଲାଗିଲା ପ୍ରଭୁଙ୍କ ଦୟାରୁ ମୁଁ ଦୃଷ୍ଟିଶକ୍ତି ଫେରିପାଇଲି। ସେଥିପାଇଁ ପ୍ରଭୁ ଜଗନ୍ନାଥ ଓ ମା’ ବିମଳାଙ୍କୁ ଦର୍ଶନ କରିବା ପାଇଁ ପୁରୀ ଯାଇଥିଲି। ତା’ପର ଠାରୁ ମୋର ମା’ଙ୍କ ଶକ୍ତି ଉପରେ ଅଗାଧ ବିଶ୍ୱାସ ଆସି ଯାଇଥିଲା। ସେବେଠାରୁ ମୁଁ ଭାରତର ବିଭିନ୍ନ ଶକ୍ତିପୀଠ ବୁଲୁଛି।**







–ବନବିହାରୀ ବେହେରା



# ସ୍ୱୟଂସିଦ୍ଧା

–ଡ. ସୌମ୍ୟା ଶୁଭଦର୍ଶିନୀ

ଭାଇ ସହ ଦୁର୍ଗା ଅଷ୍ଟମୀରେ ପୂଜା ପାଇଁ ଯାଇଥିବା ସେଇଦିନକୁ ଆଉ ଭୁଲିବାର ନୁହେଁ ଶୁଭ୍ରାଂଶୀର। ପୂଜା କରିବା ସମୟରେ କେମିତି ଏକ ଅଜଣା ଆଶଙ୍କାରେ ମନ ଅସ୍ଥିର ହେଉଥିଲା। ସଞ୍ଜବୁଡ଼କୁ ଖବର ଆସିଲା ଜେଜୀ ବୁଢ଼ୀ ଚାଲିଗଲା। ଦୁର୍ଗା ଅଷ୍ଟମୀରେ ବାପା ତା'ର ମା'ଛେଉଣ୍ଡ ହେଇଗଲେ। ତାକୁ ସବୁଠୁ ବେଶି ଆଦରୁଥିବା ଜେଜୀ ମା' ଚାଲିଗଲା। ଠିକ୍ ସେମିତି ପନ୍ଦର ବର୍ଷ ପରେ ମାଆଙ୍କ ଆଗମନ, ଦୁର୍ଗାପୂଜାର ପବିତ୍ର ଷଷ୍ଠୀ। ମାତାଙ୍କ ମୃଣ୍ମୟୀ ପୀଠରେ ସନ୍ଧ୍ୟାକାଳୀନ ଘଣ୍ଟ ଘଣ୍ଟାର ଧ୍ୱନି। ବୋଉର ସୁସ୍ଥ ସବଳ ଦେହରେ ହୃଦ୍‌ଘାତ। ମୁହୂର୍ତ୍ତେ ସମୟ ଦେଲେନି ଦୁର୍ଗତିନାଶିନୀ। ବୋଉ ଯାଇପାରିଲା ନାହିଁ ଡାକ୍ତରଖାନା। ଶୁଭ୍ରାଂଶୀ ନିଜେ ଧାଇଁଥିଲା ବାବାଙ୍କ ସହ। କିନ୍ତୁ ବୋଉ ଚାଲିଗଲା। ଦୁର୍ଗତିନାଶିନୀ ଦୁର୍ଗାଙ୍କ ଧରାବତରଣ ବେଳାରେ ଧରାପୃଷ୍ଠରୁ ଚିର ବିଦାୟ ନେଇଗଲା ଶୁଭ୍ରାଂଶୀର ବୋଉ। ସେ ହେଲା ମା'ଛେଉଣ୍ଡ। ତା'ପରଠାରୁ ଦୁର୍ଗାପୂଜାର ଋତୁ ପ୍ରତି ଅଦ୍ଭୁତ ଭୟ ତା'ର।

ଆଜି ପୁଣି ମା' ଆସିଛନ୍ତି। ସପ୍ତମୀ ପୂଜାର ପରମ୍ପରା ନେଇ, ଶଙ୍ଖ ଘଣ୍ଟର ଧ୍ୱନି ସହ ଦିବ୍ୟରୂପରେ ଉଭା ହୋଇଛନ୍ତି ଧରାବକ୍ଷରେ। ସେଇ ପାର୍ବଣ ଋତୁରେ ଡାକ୍ତର ଶୁଭ୍ରାଂଶୀଙ୍କର ହସ୍ପିଟାଲରେ ତାଙ୍କ ଜୀବନର ପ୍ରଥମ ପ୍ରସୂତି, ସ୍ୱୟଂସିଦ୍ଧା। ସାତ ମାସର ଗର୍ଭ ନେଇ ଯନ୍ତ୍ରଣା କାତର ହେଇ ଆସିଛି ଆଉ ଗୋଟିଏ ମା'। ଅଜନ୍ମା ଶିଶୁର ଜୀବନ ଭିକ୍ଷାକରୁଛି ନିଜର ଜୀବନକୁ ବିପଦାପନ୍ନ କରି। ଅସ୍ତ୍ରୋପଚାର କରି ପିଲାଟିକୁ ବଞ୍ଚେଇ ରଖିବାକୁ ବିକଳ ନିବେଦନ କରୁଛି ବିଚାରୀ। କିନ୍ତୁ ଶୁଭ୍ରାଂଶୀ ଜାଣନ୍ତି ସେ କେବଳ ଜଣକୁ ବଞ୍ଚେଇପାରିବେ ମା' ବା ଅଜନ୍ମାକୁ। କି ଧର୍ମସଙ୍କଟ ସତେ, ପୁଣି ସେଇ ଦୂର୍ଗାପୂଜାର ପରିବେଶ ପୁଣି ଗୋଟିଏ ମା'ର ଜୀବନ! ବୋଉ ଗଲା ଷଷ୍ଠୀରେ, ଜେଜୀ ମା' ଅଷ୍ଟମୀରେ ଆଉ ଏଇ ସ୍ୱୟଂସିଦ୍ଧା କି ଯିବ ସପ୍ତମୀରେ!!

ନିଜକୁ ଦୃଢ଼କରି ଶୁଭ୍ରାଂଶୀ ନିଷ୍ପତ୍ତି ନେଲେ ସ୍ୱୟଂସିଦ୍ଧାକୁ ସେ ଯିବାକୁ ଦେବନି। ପୁଣିଥରେ ଗୋଟେ ମା' ପାର୍ବଣ ଋତୁରେ ବିଦାୟ ନେବନାହିଁ। ଅଜନ୍ମାକୁ ହିଁ ଯିବାକୁ ହେବ, ମାତୃତ୍ୱର ନବ ସମ୍ଭାବନାକୁ ସ୍ୱୟଂସିଦ୍ଧା ଗର୍ଭରେ ସାଇତି ଦେଇ। ସେ ବିଶ୍ୱ ନିୟନ୍ତାଙ୍କୁ ଉଭୟଙ୍କ ଜୀବନ ଭିକ୍ଷା କରି ହାତରେ ଅସ୍ତ୍ର ଧରିଲେ। ଏଥର କିନ୍ତୁ ଘଟିଲା ଗୋଟିଏ ଚମତ୍କାର। ସଫଳ ହେଲା ଅସ୍ତ୍ରୋପଚାର। ସ୍ୱୟଂସିଦ୍ଧା ସହ ତା'ର ଦିବ୍ୟ ସୁନ୍ଦର ପୁଅଟି ମଧ୍ୟ ପାଇଲା ଜୀବନ। ଆଜିବହୁତ ବର୍ଷ ପରେ ପାର୍ବଣର ଅମୃତ ଅନୁଭବରେ ଶୁଭ୍ରାଂଶୀଙ୍କ ହୃଦୟ ହେଲା ଭକ୍ତିବିଭୋର।

*–ସହକାରୀ ପ୍ରାଧ୍ୟାପିକା*
*ରାଧାନାଥ ଉଚ୍ଚତର ଶିକ୍ଷା ଅନୁଧ୍ୟାନ ପ୍ରତିଷ୍ଠାନ, କଟକ*
*ମୋ: ୭୦୦୮୭୬୮୩୦୪*

# ସାହା

–ମାନମୟୀ ରଥ

ନିଖୋଜ ଅଛନ୍ତି ୫ ଦିନ ହେଲା ସହରର ଉପକଣ୍ଠରେ ଥିବା ଥ୍ରୀ ଷ୍ଟାର ହୋଟେଲର ଏକଦା ମାଲିକାଣୀ ଥିବା ବ୍ରତତୀ ମଜୁମଦାର। ସ୍ୱାମୀଙ୍କ ଦେହାନ୍ତ ପରେ ଦୁଇ ଶିଶୁ ସନ୍ତାନଙ୍କ ଲାଳନ ପାଳନ ସହ ସହରର ପ୍ରଥମ ମହିଳା ଭାବରେ ହୋଟେଲ ଚଳେଇ ପ୍ରସିଦ୍ଧି ପାଇଥିବା ସାହସୀ ମହିଳା ହେଉଛନ୍ତି ସେହି ବ୍ରତତୀ। ଏବେ ପୁଅ ମୁମ୍ବାଇରେ ଥାଇ ବୁଝାଶୁଝା କରୁଛି ହୋଟେଲ। ଝିଅ ତା' ସ୍ୱାମୀଙ୍କ ସହ ଆମେରିକାରେ। ବ୍ରତତୀ ରୁହନ୍ତି ହୋଟେଲ ହତାରେ ଗୋଟିଏ ପ୍ରକୋଷ୍ଠରେ। ତାଙ୍କ ଦେଖାରଖା କରନ୍ତି ହୋଟେଲର ପୁରୁଣା କର୍ମଚାରୀ ରଘୁ ଓ ତା ଧର୍ମପତ୍ନୀ। ମୁଖ କର୍କଟ ଚିକିତ୍ସା ଫଳରେ ଫାଳେ ଗାଲ ନାହିଁ ତାଙ୍କର । କଥା କୁହନ୍ତି ଖନେଇ ଖନେଇ । ଗ୍ରାଇଣ୍ଡିଂ କରି ଖାଦ୍ୟ ସବୁ ଚାମଚ ଧରି ପିଆଇ ଦିଏ ରଘୁର ସ୍ତ୍ରୀ । ନିତ୍ୟକର୍ମ କରେଇଦିଏ। ରଘୁ କି ରଘୁର ସ୍ତ୍ରୀ ବ୍ୟତିରେକ ଆଉ କାହାକୁ ଆରେଇ ପାରିନାହାଁନ୍ତି ବ୍ରତତୀ ଏଯାଏଁ। ଦରକାର ପଡୁଛି ତ ପ୍ରଶସ୍ତ ଅଥଚ ରୋଗୀଣା ଆଖିରେ ଖୋଜି ପକାନ୍ତି ସେ ରଘୁ ଦମ୍ପତିଙ୍କୁ । ଦୀର୍ଘ ଅସୁସ୍ଥତା ଯୋଗୁ ମାନସିକ ଭାରସାମ୍ୟ ରହୁନି ବୋଲି କୁହନ୍ତି ତାଙ୍କ ପାଖଲୋକେ ! ସହଜରେ ଚାଲି ବୁଲି ପାରୁନଥିବା ଲୋକ ବିଛଣା ଉପରୁ ଉଠି ରାଜରାସ୍ତାକୁ ଆସି ନିଖୋଜ ହୋଇଗଲେ ! ହୋଟେଲର ସିକ୍ୟୁରିଟି ନଥିଲା !

ପୂଜା ବଜାର । ହୋଟେଲରେ ଯାତ୍ରୀ ଭିଡ଼ । ଗହଳି ଭିତରେ ଏଡ଼େ ବଡ଼ ଦାୟିତ୍ୱଟେ ଏମିତି କେମିତି ହଜିଯିବ !! ପୋଲିସ ଥାନା, ଡାକ୍ତରଖାନା, ବୃଦ୍ଧାଶ୍ରମ, ଏନଜିଓ ସବୁ ଛାଣି ସାରିଲେଣି ହୋଟେଲ କର୍ମଚାରୀ। ପୁଅ ବ୍ୟସ୍ତତା ଦେଖାଉଛି ମୁମ୍ବାଇରେ। ପୂଜା ଗହଳି ପାଇଁ ଫ୍ଲାଇଟ ଟିକେଟ ହୋଇପାରୁନାହିଁ କୁଆଡେ । ବିଚାରୀ ନଖୁଆଇଲେ ଖାଉନଥିଲେ । କଥା ତ ପିଲାଙ୍କ ଦରୋଟି ଠାରୁ ଆହୁରି ଖଣ୍ଡିଆ । ନାହାକ କୋଷ୍ଠି ଟାଣି ଜଣେଇଛନ୍ତି। ଆସିବାକୁ ଚାହୁଁଚି ଯଜମାନ । ବାଟ ପାଉନି। ଆହାଃ.. ଚୁ.. ଚୁ..ରେ ଲୋକଙ୍କ କଥା ଓଦା ଓଦା । ଚାରି ଦିନର ଖୋଳ ତାଡ଼ ପରେ ସିସି ଟିଭି କ୍ୟାମେରାରେ ଦିଶିଲେ କ୍ଷୀଣକାୟା ବ୍ରତତୀ । ପୂଜା ମଣ୍ଡପ ପାଖରୁ ଥରିଲା ଗୋଡ଼ରେ ଚାଲି ଚାଲି ରାସ୍ତା ଉପରକୁ ଆସୁଛନ୍ତି । ରାସ୍ତା ଉପରେ ଶୋଇଥିବା ବାଛୁରୀ ଛୁଆଟିକୁ ଉଠେଇବାକୁ ଚେଷ୍ଟା ବି କରୁଛନ୍ତି। ବାଛୁରୀଟି ଉଠି ହଟି ଯାଉଛି ରାସ୍ତାରୁ ସତ ହେଲେ ଦ୍ରୁତ ଗତିରେ ସାମ୍ନା ପଟୁ ଆସୁଥିବା ବୋଲେରୋର ଧକ୍କାରେ ଧରାଶାୟୀ ହେଉଛନ୍ତି ବ୍ରତତୀ । ଅଟକି ଯାଉନି ବୋଲେରୋ । ପୂର୍ବବତ ଦ୍ରୁତଗତିରେ କ୍ୟାମେରା ଆଖିରୁ ହଟିଯାଉଛି ଗାଡ଼ିଟି । ଅଦୂରରେ ମାଆ ଗାଈଟି ପାଖରେ ଦୁଷ୍ଟାମୀ କରୁଥିବା କୁନି ବାଛୁରୀଟି ବେଖବର ଘଟିଯାଇଥିବା ଦୁର୍ଘଟଣା ସମ୍ପର୍କରେ । ସିସି ଟିଭିର ଦୃଶ୍ୟ ଅଣ୍ଡାଳୁ ଅଣ୍ଡାଳୁ ଉଦାସିଆ ଗଳାରେ କହିଲେ ପୋଲିସ ଅଧିକାରୀ ଜଣକ, ମାଆ ବୁଝେ ଛୁଆର ବିପତ୍ତି । ମଲାଗଲା ଅବସ୍ଥାରେ ବାଛୁରୀକୁ ବଞ୍ଚେଇ ତା' ମାଆ ପାଖକୁ ଛାଡ଼ିଦେବା କାମ କେଉଁ ପାଗେଳୀ କରେ କ'ଣ !! ଜୀବନ ଦେଇ ପିଲାଙ୍କ ଜୀବନ ବଞ୍ଚେଇବା କାମ କେବଳ ମାଆଟିଏ ହିଁ କରିପାରେ....।

*–ଅଭିମାନ, ଜମାରସୁଆଁ, ପୁରୀ*
*ମୋ:୭୯୭୮୫୭୯୩୯୯*



## ସ୍ପେଶାଲ ସଜବାଜ

କିଆରା ଆଡୱାନୀଙ୍କୁ ନେଇ ଏବେ ଚର୍ଚ୍ଚା। ୟା ପଛରେ ସେମିତି କାରଣ ମଧ୍ୟ ରହିଛି। କଥା କ'ଣ କି ସେ ନିକଟରେ ଏକ ନୂଆ ସିନେମା ସାଇନ୍ କରିଛନ୍ତି। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ଶୁଣିବା ପରେ ସେଗୁଡ଼ିକରେ କିପରି ଠିକ୍ ଭାବେ ଡ୍ୟାନ୍ସ କରିପାରିବେ ସେଥିପାଇଁ ପ୍ରାକ୍ଟିସ ଆରମ୍ଭ କରିଦେଇଛନ୍ତି। ବିଶେଷ ଭାବରେ ଏଥିରେ ଥିବା ଏକ ସୋଲୋ ଗୀତରେ କିଭଳି ପରଫେକ୍ଟ ଡ୍ୟାନ୍ସ କରିବେ ସେନେଇ ପୂରାଦମ୍‌ରେ ଲାଗି ପଡ଼ିଛନ୍ତି। କେବଳ ସେତିକି ନୁହେଁ, ପ୍ରାକ୍ଟିସ୍ ପାଇଁ କିଆରା କେତେକ ଗୁରୁତ୍ୱପୂର୍ଣ୍ଣ କାମକୁ ବି କ୍ୟାନ୍‌ସେଲ କରି ଦେଇଛନ୍ତି। ଏ ପ୍ରସ୍ତୁତି ସମ୍ପର୍କରେ କିଆରା କହନ୍ତି, ''ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ। ହେଲେ ଏହାର ଗୀତଗୁଡ଼ିକ ମୋ ମନକୁ ଛୁଇଁ ପାରିଛି। ତେଣୁ ସେଗୁଡ଼ିକୁ କିପରି ଶତ ପ୍ରତିଶତ ଜଷ୍ଟିସ ଦେବି ସେ ନେଇ ପ୍ରାକ୍ଟିସ ଆରମ୍ଭ କରିଦେଇଛି। ଏହି ଅନଟାଇଟଲଡ୍ ଫିଲ୍ମରେ ଦର୍ଶକ ମୋତେ ଏକ ରୋମାଣ୍ଟିକ ଭୂମିକାରେ ଦେଖିବାକୁ ପାଇବେ।'' ଅନ୍ୟପକ୍ଷରେ ସେ ଅଭିନୟ କରିଥିବା ବିଗ୍ ବଜେଟ୍ ଫିଲ୍ମ 'ଗେମ୍ ଚେଞ୍ଜର୍' ଚଳିତ ବର୍ଷ ଡିସେମ୍ବର ୨୦ରେ ରିଲିଜ ହେବ। ଏସ. ଶଙ୍କରଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି ସିନେମାର ନାୟକ ସାଜିଛନ୍ତି ରାମ ଚରଣ।



କିଆରା

## ଆକ୍ସନ ଅବତାରରେ ମୌନି

ଯାହାହେଉ ମୌନି ଯାହା ଚାହୁଁଥିଲେ ଶେଷରେ ତାହା ପୂରଣ ହୋଇଛି। ଅବଶ୍ୟ ଏଥିପାଇଁ ତାଙ୍କୁ ଟିକେ ଟେନସନରେ ରହିବାକୁ ପଡ଼ିଲା। କଥା କ'ଣ କି, ମୌନି ରୟଙ୍କୁ ଜଣେ ନବାଗତ ପ୍ରଯୋଜକ ତାଙ୍କର ଆଗାମୀ ଫିଲ୍ମରେ ସାଇନ୍ କରିବାକୁ ଇଚ୍ଛାପ୍ରକାଶ କରିଥିଲେ। ତାଙ୍କୁ ଯୋଗାଯୋଗ କରିବା ପରେ ସେ ଏହି ଫିଲ୍ମର କାହାଣୀ ଏବଂ ସେଥିରେ ନିଜ ରୋଲ୍ ବିଷୟରେ ଭଲ ଭାବରେ ଅବଗତ ହୋଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେ ନିଜ ଭୂମିକାରେ କିଛି ଆକ୍ସନ ଶଟ୍ ଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏଭଳି ପରାମର୍ଶକୁ ଗ୍ରହଣ କରାଯିବ କି ନାହିଁ ସେ ନେଇ ଦୋଛକିରେ ପଡ଼ିଥିଲେ ପ୍ରଯୋଜକ। ଶେଷରେ ଦୁହିଁଙ୍କ ଭିତରେ କିଛି ଥର ଆଲୋଚନା ହୋଇଥିଲା। ଆଉ ଶେଷରେ ସମସ୍ତ କଳ୍ପନା ଜଳ୍ପନାର ପରିସମାପ୍ତି ଘଟିଛି। ଏ ବିଷୟରେ ମୌନି କହନ୍ତି, ''ମୋ ଭୂମିକାରେ କିଛି ଆକ୍ସନ ଶଟ୍ ରଖିବାକୁ ମୁଁ ପରାମର୍ଶ ଦେଇଥିଲି। ତା'ପରେ ଏ ନେଇ ପ୍ରଯୋଜକଙ୍କ ସହ ମୋର ଆଲୋଚନା ହୋଇଥିଲା। ଶେଷରେ ମୋ' ଭୂମିକାରେ କିଛି ପରବର୍ତ୍ତନ କରାଯାଇଛି। ତା'ସହ ମୋତେ ମାତ୍ର ଦୁଇଟି ଆକ୍ସନ ଶଟ୍ ଦେବାକୁ ପଡ଼ିବ। ଏଗୁଡ଼ିକର କାହାଣୀ ସହ ସମ୍ପର୍କ ରହିଛି।''



## ଆରୋହୀ

ଆରୋହୀ ମିଡ଼ିଆ ହାଉସ ବ୍ୟାନରରେ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ଆରୋହୀ'। ଉକ୍ତ ଚିତ୍ରଟି ଏଥର କାଳୀ ପୂଜା ଅବସରରେ ରିଲିଜ ହେବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ସାନ ଭାଇର ସ୍ୱପ୍ନକୁ ସାକାର କରିବା ପାଇଁ ବଡ ଭାଇ କିପରି ନିଜ ଜୀବନକୁ ବାଜି ଲଗାଇ ଦେଉଛି ତାହା ଏଥିରେ ଦେଖିବାକୁ ମିଳିବ। ଖାସ୍ କଥା ହେଲା, ଶ୍ରୀତମ ଦାସ ଏହି ଫିଲ୍ମରେ ଜଣେ ଗାଉଁଲି ଯୁବକ (ବଡ ଭାଇ) ଭୂମିକାରେ ଅଭିନୟ କରୁଛନ୍ତି। ତାଙ୍କ ଅପୋଜିଟ୍‌ରେ ଅଛନ୍ତି ସୋମା ଭୌମିକ। ସାନ ଭାଇ ଚରିତ୍ରରେ ଅଭିନୟ କରିଛନ୍ତି ଆକାଶ ସୋନି। ଅନ୍ୟପକ୍ଷରେ ନୀଳାକ୍ଷୀ ପାତ୍ର, ପ୍ରଦ୍ୟୁମ୍ନ ଲେଙ୍କା, ଅସିତ ପତି, ଅର୍ପଣ ମିଶ୍ର, ବାପି ଲେଙ୍କା ଏବଂ ଶିଶୁ କଳାକାର ସାଇଭୀରଙ୍କୁ ଏଥିରେ ଦେଖିବାକୁ ମିଳିବ। ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ଅଶ୍ୱିନୀ ଗଡ଼ନାୟକ। ସୁମନ୍ତ ଶ'ଙ୍କ ପ୍ରଯୋଜନାରେ ନିର୍ମିତ ଏହି ଫିଲ୍ମର କାହାଣୀ ରଚନା କରିଛନ୍ତି ବରିଷ୍ଠ ଅଭିନେତା ଅସିତ ପତି। ସଂଳାପ ରଚନା କରିଛନ୍ତି ଆଗଧାଡ଼ିର ସଂଳାପକାର ଡ. ରଜନୀ ରଞ୍ଜନ। ଡ. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ଚିତ୍ରଗ୍ରହଣ ଦାୟିତ୍ୱ ତୁଲାଇଛନ୍ତି ଚିତ୍ତ ବିଶ୍ୱାଳ ଏବଂ ସମ୍ପାଦନା କରିଛନ୍ତି ସୁକୁମାର ମଣି। କଣ୍ଠଦାନ କରିଛନ୍ତି ସ୍ୱୟଂ ପାଢ଼ୀ ଏବଂ ଅନ୍ତରା ଚକ୍ରବର୍ତ୍ତୀ।



ଶ୍ରୀତମ-ଆକାଶ

## ଚକୋଲେଟ୍ ପ୍ରିୟ ଶ୍ରୁତି

ଶ୍ରୁତି ହାସନ ଯେତେବେଳେ ବାହାରକୁ ଯାଆନ୍ତି ଗୋଟିଏ କଥାକୁ ଆଦୌ ଭୁଲି ନ ଥାନ୍ତି। ଯଦି ବା କେବେ ମନେ ନ ଥାଏ, ତେବେ ମାର୍କେଟ୍‌ରୁ କିଣି ନେବାକୁ ପଛାଇ ନ ଥାନ୍ତି। ହେଲେ ସେ ଜିନିଷଟି କ'ଣ ଜାଣିବେନି? ଚକୋଲେଟ୍। ଶ୍ରୁତି ବାହାରକୁ କିମ୍ବା ଶୁଟିଂ ସେଟ୍‌କୁ ଗଲେ ସାଙ୍ଗରେ କିଛି ଚକୋଲେଟ୍ ନେଇଯାଆନ୍ତି। ଏ ନେଇ ସେ କହନ୍ତି, 'ଶୁଟିଂରୁ ବ୍ରେକ୍ ମିଳିଲେ ମୁଁ ଗୋଟିଏ ଜିନିଷକୁ ଖୋଜିଥାଏ। ତାହା ହେଲା ଚକୋଲେଟ୍। କାରଣ ଟାଇମ୍ ପାସ୍ ପାଇଁ ଏହା ଏକ ଭଲ ମାଧ୍ୟମ। ଘରେ ମଧ୍ୟ ମୁଁ ବିଭିନ୍ନ ଭେରାଇଟିର ଚକୋଲେଟ୍ ରଖିଛି। କୌଣସି ଅକେଜନ୍‌ରେ ମୁଁ କାହାକୁ ଗିଫ୍ଟ ଦେଲେ ତା'ସହ ଚକୋଲେଟ୍ ଦେବାକୁ ଭୁଲି ନ ଥାଏ। ଶ୍ରୁତି ନନ୍-ଭେଜ୍ ଖାଦ୍ୟ ଖାଇବାକୁ ପସନ୍ଦ କରିଥାଆନ୍ତି। ଏହାବ୍ୟତୀତ ଅବସର ସମୟରେ ଡ୍ୟାନ୍ସ କରିବା, ଦର୍ଶନୀୟ ସ୍ଥାନ ବୁଲିବା ସହ ବହି ପଢ଼ିବାକୁ ଖୁବ୍ ଭଲ ପାଆନ୍ତି।



ଶ୍ରୁତି

## କମେଡି କରିବେ ଆଲିୟା

କଥାରେ ଅଛି-ଏ ମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି ଏକ ମନଲାଖି ଭୂମିକାଟିଏ ପାଇବା ପରେ ଆଲିୟା ଭଟ୍ଟ କେମିତି ଖୁସିରେ ଉଚ୍ଛୁଳୁଛନ୍ତି। ଅସଲ କଥା ହେଲା ଏହି ରୋଲ୍‌ରେ କମେଡି ଭରି ରହିଛି। ଯାହାହେଲେ ମଧ୍ୟ କମେଡି ଭୂମିକା ତୁଲାଇବା ସହଜ କଥା ନୁହେଁ। କାରଣ ସେହି ଅଭିନୟ ଦେଖି ଦର୍ଶକ ହସି ହସି ବେଦମ ହେବା ଦରକାର। ଆଉ ଏଭଳି ଭୂମିକାକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ପୂରାଦମ୍‌ରେ ଅଣ୍ଟା ଭିଡ଼ିଛନ୍ତି ଏହି ଅଭିନେତ୍ରୀ। ଏ ସମ୍ପର୍କରେ ସେ କହନ୍ତି, 'ଯେତେବେଳେ ମୋତେ ଏହି ଅଫରଟି ମିଳିଲା ସେବେଠାରୁ ମୁଁ ମନସ୍ଥ କରିନେଇଥିଲି ଯେ, ଏହି ରୋଲ୍ ପାଇଁ ମୋତେ ଅଧିକ ପରିଶ୍ରମ କରିବାକୁ ପଡ଼ିବ। ତେଣୁ ମୁଁ କେତୋଟି କମେଡି ସିନେମା ଦେଖିସାରିଲିଣି। ତା'ସହ କିଛି ଦିନ ପୂର୍ବେ ମୋର ଅକ୍ଷୟ କୁମାରଙ୍କ ସହ ଭେଟ ହୋଇଥିଲା। ଯାହାହେଉ ସେ ବି ଏ ନେଇ କିଛି ଟିପ୍ସ ଦେଇଛନ୍ତି।'' ଆଲିୟା ଯାହା ଖୋଜୁଥିଲେ ତାହା ସିନା ତାଙ୍କୁ ମିଳିଗଲା, ହେଲେ ସେହି ଟିପ୍ସଗୁଡ଼ିକୁ ସେ କେତେ କାମରେ ଲଗାଉଛନ୍ତି ତାହା ଦେଖିବାକୁ ବାକି ରହିଲା। ସେ ସାଇନ୍ କରିଥିବା ନୂଆ ସିନେମାର ପ୍ରାରମ୍ଭିକ କାମ ଚାଲୁ ରହିଛି। ହେଲେ ଏଥିରେ ତାଙ୍କ ଅପୋଜିଟ୍‌ରେ କିଏ ନାୟକ ସାଜିବ ତାହା ଆଉ କିଛି ସପ୍ତାହ ଭିତରେ ଫାଇନାଲ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।



ଆଲିୟା

## ଦୋଛକିରେ ରଣବୀର

ରଣବୀର କପୁର ଏବେ ଦୋଛକିରେ ପଡ଼ିଯାଇଛନ୍ତି। ଗୋଟେ ପଟେ ଏଭଳି ଏକ ଭଲ ଅଫରକୁ ହାତଛଡା କରିପାରୁନାହାନ୍ତି। ହେଲେ ଦେଖିଲାବେଳକୁ ହାତରେ ସମୟ ନାହିଁ। ତେଣୁ ଏଭଳି ଘଡିସନ୍ଧି ସମୟରେ ସେ କ'ଣ କରିବେ ଜାଣିପାରୁ ନାହାନ୍ତି। କଥା କ'ଣ କି ପ୍ରଯୋଜକ ଆଦିତ୍ୟ ଚୋପ୍ରା ଏବେ 'ଧୂମ' ସିରିଜ୍‌ର 'ଧୂମ୍-୪' ନିର୍ମାଣ କରିବାକୁ ଯୋଜନା କରୁଛନ୍ତି। ଏହାର କାଷ୍ଟିଂ ବିଷୟରେ ଚିନ୍ତା କରିବା ସମୟରେ ସେ ମୁଖ୍ୟ ଭୂମିକା ପାଇଁ ରଣବୀରଙ୍କୁ ସାଇନ୍ କରାଇବାକୁ ସ୍ଥିର କରିଥିଲେ। ଯଦିଓ ଏ ନେଇ ରଣବୀରଙ୍କୁ ପ୍ରଯୋଜନା ସଂସ୍ଥା ପକ୍ଷରୁ ଯୋଗାଯୋଗ କରାଯାଇ ନାହିଁ, କିନ୍ତୁ ଯଦି ଏହି ଅଫର ତାଙ୍କୁ ମିଳେ ତେବେ ତାହାର ଶୁଟିଂ ପାଇଁ ବର୍ତ୍ତମାନ ସେ ସମୟ ଦେଇପାରିବେ ନାହିଁ। କାରଣ ଏବେ ସେ ପୌରାଣିକ କଥାବସ୍ତୁ ଉପରେ ଆଧାରିତ ଚଳଚ୍ଚିତ୍ର 'ରାମାୟଣ'ରେ ଅଭିନୟ କରୁଛନ୍ତି। ଏଥିରେ ସେ ରାମ ଭୂମିକାରେ ଅଭିନୟ କରୁଛନ୍ତି ଏବଂ ଫିଲ୍ମର ଶୁଟିଂ ନିକଟରେ ଶେଷ ହୋଇଛି ଏବଂ ଏହାର ଡବିଂ କାମ ଖୁବ୍ ଶୀଘ୍ର ଆରମ୍ଭ ହେବ। ଏ ନେଇ ରଣବୀର କହନ୍ତି, ''ବର୍ତ୍ତମାନ ମୋ ହାତରେ ସମୟ ନାହିଁ। ମୁଁ ଶୁଣିବାକୁ ପାଉଛି ଯେ ୟଶରାଜର 'ଧୂମ୍-୪'ରେ ମୁଁ ଅଭିନୟ କରିବି। ଯଦି ଏ ନେଇ ମୋତେ ଅଫିସିଆଲି ଯୋଗାଯୋଗ କରାଯାଏ, ତେବେ ମୁଁ କ'ଣ କରିବି ଜାଣିପାରୁନାହିଁ।'' ସେପଟେ ଆଦିତ୍ୟ ସୂଚନା ଦେଇଛନ୍ତି ଯେ, ଫାଇନାଲ କାଷ୍ଟିଂ ଘୋଷଣା କରିବାକୁ ଆଉ ୧୫ ଦିନ ଲାଗି ଯାଇପାରେ।



ରଣବୀର

ପ୍ରଥମ ରୋଜଗାର

# ପ୍ରଥମ ଦରମାରେ ଭାଇଭଉଣୀଙ୍କ ପଢ଼ାଖର୍ଚ୍ଚ ତୁଲାଇଥିଲି



ସାହିତ୍ୟିକ ପ୍ରଫେସର **ଅରୁଣ ଚନ୍ଦ୍ର ସାହୁ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି..

**ବା**ପା ମା'ଙ୍କର ମୁଁ ଥିଲି ସବୁଠାରୁ ବଡ଼ପୁଅ। ମୋ ତଳେ ଆହୁରି ଚାରି ଭାଇ ଓ ଦୁଇ ଭଉଣୀ, ମାନେ ଆମେ ସାତ ଭାଇଭଉଣୀ। ବଡ଼ ପରିବାର। ବାପା ଥିଲେ ହାଇସ୍କୁଲ ଶିକ୍ଷକ। ଅବଶ୍ୟ ରିଟାୟାର୍ଡ଼ ବେଳକୁ ସି.ଟି. ସ୍କୁଲର ହେଡ୍‌ମାଷ୍ଟର ଥିଲେ। ବଡ଼ ପରିବାର ଯୋଗୁ ତାଙ୍କ ଉପରେ ଅର୍ଥନୈତିକ ଚାପ ପଡ଼ିବା ସ୍ୱାଭାବିକ। ବଡ଼ ପୁଅ ହୋଇଥିବାରୁ ଭାବୁଥିଲି କିପରି ଶୀଘ୍ର ଚାକିରି ଗୋଟିଏ ପାଇଗଲେ ବାପାଙ୍କୁ ଆର୍ଥିକ ସାହାଯ୍ୟ କରିପାରିବି। ଅବଶ୍ୟ ମୁଁ ଷଷ୍ଠ ଶ୍ରେଣୀରୁ ଏମ.ଏସ୍‌ସି. ଶେଷ ବର୍ଷ ପର୍ଯ୍ୟନ୍ତ ବୃତ୍ତି ପାଇ ଆସୁଥିଲି। ଏହି ଟଙ୍କା ମୋତେ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ ଯୋଗୁ ମିଳୁଥିଲା। ଏହା ପ୍ରକାରାନ୍ତରେ ବାପାଙ୍କୁ ଆର୍ଥିକ ସହାୟତା କରୁଥିଲା ଓ କଲେଜରେ ପଢ଼ିବାରେ ମୋର ବିଶେଷ ଅସୁବିଧା ହେଉ ନ ଥିଲା। ମନେପଡୁଛି ବିଜେବି କଲେଜରେ ପ୍ରିୟୁନିଭରସିଟି ପଢ଼ିଲାବେଳେ ବର୍ଷ ଶେଷରେ ଏକାଥରକେ ଜାତୀୟ ବୃତ୍ତି ଟଙ୍କା ମିଳିଥିଲା। ସେଥିରୁ ୫୦୦ ଟଙ୍କା ବାପାଙ୍କ ପାଖକୁ ମନିଅର୍ଡର୍‌ କରିଥିଲି, କାରଣ ସେତେବେଳେ ବାପାଙ୍କର କୋରାପୁଟ ଜୟପୁରରୁ ଗଞ୍ଜାମର ରାୟଗଡ଼କୁ ବଦଳି ହୋଇଥିଲା ଓ ଘରର ଜିନିଷପତ୍ର ସବୁ ନୂତନ ସ୍ଥାନକୁ ନେବାପାଇଁ ତାଙ୍କ ପାଖରେ ଟଙ୍କାର ଅଭାବ ଥିଲା। ଅତଏବ ମୋ ବୃତ୍ତି ଟଙ୍କା ସେବେ ବାପାଙ୍କର କିଛି କାମରେ ଆସିଥିବାରୁ ମୋତେ କିଛିଟା ଆତ୍ମସନ୍ତୋଷ ମିଳିଥିଲା। ସେହିପରି ଆଉ ଏକ ଘଟଣା ହେଲା, ବାଣୀବିହାରରେ ଏମ୍‌.ଏସ୍‌ସି. ଶେଷବର୍ଷ ପଢ଼ିବାବେଳେ ଚାକିରି ପାଇଁ ବିଭିନ୍ନ ପରୀକ୍ଷା ଦେଉଥିବା ସମୟର କଥା। ଥରେ ଆଲ୍ଲାହାବାଦ ବ୍ୟାଙ୍କରେ ଆସିଷ୍ଟାଣ୍ଟ ଚାକିରି ପାଇଁ ଲିଖିତ ଓ ମୌଖିକ ପରୀକ୍ଷା ଦେଇଥାଏ। ଏଥିରେ ଓଡ଼ିଶାରେ ପ୍ରଥମ ହୋଇଥିଲି, ଏହାର ଆପଏଣ୍ଟମେଣ୍ଟ ଚିଠିଟି ଟେଲିଗ୍ରାମ ଯୋଗେ ମୁଁ ଦେଇଥିବା ବାପାଙ୍କ ଠିକଣାରେ ଯାଇ ପହଞ୍ଚିଲା। ବାପା ଟେଲିଗ୍ରାମଟି ପଢି ଏତେ ଖୁସି ହୋଇଥିଲେ ଯେ ତାଙ୍କ ଆଖିରୁ ଲୁହ ଗଡ଼ି ଆସିଥିଲା। ତୁରନ୍ତ ଚିଠିଟି ଧରି ବାଣୀବିହାର ହଷ୍ଟେଲକୁ ଆସି ମୋତେ ଦେଇଥିଲେ ଆଉ କହିଥିଲେ 'ଭଗବାନଙ୍କ କୃପାରୁ ମୋ ବଡ଼ ପୁଅର ଚାକିରି ହୋଇଗଲା'। ସେଦିନ ବାପାଙ୍କର ସେହି ଆନନ୍ଦଭରା ମୁହଁ ମୋତେ ବେଶ୍‌ ସନ୍ତୋଷ ଦେଇଥିଲା। ନିର୍ଦ୍ଧାରିତ ଦିନ ଯାଇ ଚାକିରିରେ ଜଏନ୍‌ କଲି। ପ୍ରଥମ ଚାକିରିର ପ୍ରଥମ ମାସର ଦରମା ଥିଲା ୫୫୦ ଟଙ୍କା। ସେତେବେଳେ ଏହାର ମୂଲ୍ୟ ଢେର୍‌ ଥିଲା ; ଯେଉଁଥିରୁ ୧୫୦ଟଙ୍କା ରେଭେନ୍‌ସା କଲେଜରେ ଇଂଲିଶ ଅନର୍ସ ନେଇ ପଢୁଥିବା ମୋ ତଳ ଭାଇକୁ ଏବଂ ୧୦୦ଟଙ୍କା ରିଜିଓନାଲ କଲେଜରେ ବି.ଏ. ବି.ଏଡ୍‌. ଇଣ୍ଟିଗ୍ରେଟେଡ କୋର୍ସରେ ପଢୁଥିବା ମୋ ସାନ ଭଉଣୀକୁ ଦେଇଥିଲି। ଏକଥା ଜାଣି ବାପା ଖୁବ୍‌ ଖୁସି ହୋଇଥିଲେ। ତା'ପରଠୁ କ୍ରମାଗତ ଭାବେ ସାନ ଭାଇଭଉଣୀମାନଙ୍କୁ ସେମାନଙ୍କର ପାଠପଢ଼ା ଶେଷ ପର୍ଯ୍ୟନ୍ତ ଆର୍ଥିକ ସହାୟତା କରିଚାଲିଲି। ଘରକୁ ବି କିଛି ଟଙ୍କା ପଠାଉଥିଲି। ବେଶ୍‌ କିଛିଦିନ ଉକ୍ତ ବ୍ୟାଙ୍କରେ କାମ କରିବା ପରେ ତାକୁ ଛାଡ଼ି ଉତ୍କଳ ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗରେ ଅଧ୍ୟାପକ ଭାବେ ଜଏନ୍‌ କଲି। ପୁଣି କିଛିଦିନ ପରେ ଇଣ୍ଟରଭ୍ୟୁ ଦେଇ ସାରା ଭାରତରେ ୭ମ ସ୍ଥାନ ଅଧିକାର କରି ଆଲ୍ଲାହାବାଦ ବ୍ୟାଙ୍କର ମ୍ୟାନେଜମେଣ୍ଟ ଟ୍ରେନି (ପ୍ରୋବେସନାରୀ ଅଫିସର କ୍ୟାଡର) ଭାବେ କାମ କରିବାକୁ ଲାଗିଲି। ଆଉ ଶେଷରେ ଓପିଏସ୍‌ସି ଦ୍ୱାରା ମନୋନୀତ ହୋଇ ୟୁଜିସି ସ୍କେଲ୍‌ରେ ଉଚ୍ଚଶିକ୍ଷା ବିଭାଗରେ ଅଧ୍ୟାପକ ଭାବେ ୧୯୮୦ରୁ କ୍ୟାରିୟର ଆରମ୍ଭ କରି ୨୦୧୨ରେ ସମ୍ବଲପୁର ଗଙ୍ଗାଧର ମେହେର ସ୍ୱୟଂଶାସିତ ମହାବିଦ୍ୟାଳୟରୁ ପ୍ରଫେସର ତଥା ବିଭାଗୀୟ ମୁଖ୍ୟରୂପେ ଅବସର ଗ୍ରହଣ କରିଥିଲି। ଏବେ ମୁଁ ଜୀବନର ଅପରାହ୍ନରେ ଥାଇ ମଧ୍ୟ ସାହିତ୍ୟ ଓ ପାଠ୍ୟପୁସ୍ତକ ରଚନା କ୍ଷେତ୍ରରେ ନିଜକୁ ନିୟୋଜିତ ରଖିଛି। ୟା'ଭିତରେ ମୋର ୫୭ଖଣ୍ଡ ପୁସ୍ତକ ପ୍ରକାଶିତ ହୋଇସାରିଛି। ମୋ ଜୀବନର ସଫଳତା ଓ ବିଫଳତାର ହିସାବନିକାସ ଉପରବାଲାଙ୍କ ହାତରେ ଛାଡିଦେଇଛି।

ସାଥୀ

# ଲାଜୁଆ ହସକୁ ଚୋରା ଚାହାଣୀ, ତହିଁରେ ଲୁଚିଛି ପ୍ରେମ କାହାଣୀ



**ପ୍ରଶ୍ନ**–ଜଣେ ଝିଅ ମୋତେ ଦେଖିଲେ ହସି ଦେଇ ଚାଲିଯାଉଛି। ସେ ମୋତେ ପ୍ରେମ କରୁଛି ବୋଲି କେମିତି ଜାଣିବି ?

*–ବିବେକ ସାହୁ, ପୁରୀ*

**ଉତ୍ତରଃ** ପ୍ରେମ ରାଇଜରେ ବୋଧହୁଏ ପ୍ରଥମ ଥର ପାଇଁ ପାଦ ଥାପିଛନ୍ତି। ଟିକେ ମଗଜ ଖଟାଇଲେ ସବୁକିଛି ଜାଣିପାରିବେ। ସେ ସୁନ୍ଦରୀ ଯଦି ଆପଣଙ୍କୁ ଦେଖି ହସି ଦେଉଛି। ସେହି ହସରେ ହିଁ ଅନେକ କଥା ଲୁଚି ରହିଛି। ଥଣ୍ଡା ମିଜାସରେ ଚିନ୍ତା କଲେ ଜାଣିପାରିବେ ସେହି ଚାହାଣୀରେ ପ୍ରେମର ଅସଲ ମଞ୍ଜି ପୋତି ହୋଇ ରହିଛି। 'ଲାଜୁଆ ହସକୁ ଚୋରା ଚାହାଣୀ, ସେଥିରେ ଲୁଚିଛି ପ୍ରେମ କାହାଣୀ'। ବାସ୍‌, ସେହି ଚାହାଣୀ, ତାହାର ଭାବଭଙ୍ଗୀକୁ ଭଲ ଭାବରେ ପଢ଼ନ୍ତୁ। ତା' ଭିତରେ କେଉଁଠି ନା କେଉଁଠି ପ୍ରେମର ଅସଲ ବାସ୍ନା ନିଶ୍ଚୟ ଲୁଚି ରହିଛି।

**ପ୍ରଶ୍ନ**–ମୋ ମନର ମାନସୀକୁ ମନ କଥା କେମିତି କହିବି ଜାଣିପାରୁନାହିଁ। ମୋତେ କିଛି ଉପାୟ ବତାଇବେ କି ?

*–ତପନ କୁମାର, ଅନୁଗୋଳ*

**ଉତ୍ତରଃ**ସେହି ଝିଅଟି ଆପଣଙ୍କୁ ଲଭ୍‌ କରୁଛି କି ନାହିଁ ସେ ନେଇ ଆପଣ ସନ୍ଦେହ ଘେରରେ ଅଛନ୍ତି। ତେଣୁ ସେଭଳି ମାନସିକତାକୁ ପ୍ରଥମେ ପରିବର୍ତ୍ତନ କରନ୍ତୁ। ଯଦି ସେପଟରୁ କିଛି ପ୍ରେମର ଝଲକ୍‌ ଦେଖୁଛନ୍ତି ତେବେ ବିଳମ୍ବ ନ କରି ତା' ସାମନାରେ ନିଜ ମନର କଥା କହି ଦିଅନ୍ତୁ। ଯଦି ନିଶାନା ଠିକ୍‌ ଲାଗିଗଲା, ତେବେ ଜାଣି ନିଅନ୍ତୁ ଯେ ଆପଣଙ୍କର ପ୍ରେମ ମିଶନ ସକ୍‌ସେସ ହୋଇଗଲା।

**ପ୍ରଶ୍ନ**–ଜଣେ ଝିଅକୁ ମୁଁ କେତେ ଥର 'ଆଇ ଲଭ୍‌ ୟୁ' କହିସାରିଲାଣି। ହେଲେ ସେ ମୋତେ କିଛି କହିବାକୁ ଚାହୁଁଛି। ହେଲେ କହୁନି କାହିଁକି ?

*–ବିକାଶ ନାୟକ, କେନ୍ଦ୍ରାପଡା*

**ଉତ୍ତରଃ**ସେ ଆପଣଙ୍କୁ କିଛି କହିବାକୁ ଚାହୁଁଛି। ଏହାର ଉତ୍ତର ଆପଣ ତାଙ୍କର ଚାହାଣୀ, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରିବେ। ହେଲେ ତାହାକୁ ଠିକ୍‌ ଭାବରେ ପଢ଼ି ପାରିଲେ ହେଲା। ସେ ଝିଅଟି ଯଦି କିଛି କହିବାକୁ ବିଳମ୍ବ କରୁଛି, ତେବେ ଆପଣ ଅଧୈର୍ଯ୍ୟ ହେଉଛନ୍ତି କିଆଁ ? ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !

**ପ୍ରଶ୍ନ**–ପ୍ରେମ କରିବା ପୂର୍ବରୁ କେତେକ ଝିଅ ନଖରାମି କରନ୍ତି କାହିଁକି ?

*–ତନ୍ମୟ, ବ୍ରହ୍ମପୁର*

**ଉତ୍ତରଃ**ବେଳେବେଳେ ସେହି ନଖରାମିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକ ତାହାକୁ ସିରିୟସଲି ନିଅନ୍ତି ଆଉ ପ୍ରେମ ବିଷୟରେ ଅନେକ ନେଗେଟିଭ କଥା ଭାବନ୍ତି। ପ୍ରେମର ଆରମ୍ଭରେ ପ୍ରେମିକାର ନଖରାମିକୁ ଟିକେ ହାଲକା ଭାବରେ ନିଅନ୍ତୁ। ତାହାର ସେହି ନଖରାମି ପଛରେ ଥିବା କାରଣକୁ ନ ଖୋଜି ସେଇଠୁ ହିଁ ଅସଲ ପ୍ରେମର ସୂତ୍ର ଆପଣ ପାଇପାରିବେ। ତେଣୁ ନଖରାମିକୁ ନେଇ ନୋ ଟେନସନ, ଓନଲି ମସ୍ତି !

**ପ୍ରଶ୍ନ**–ଜଣେ ସାଙ୍ଗ କଥାରେ ପଡି ଯେଉଁ ଝିଅକୁ ପ୍ରେମ କଲି ସେ ମୋତେ ଅଧା ବାଟରେ ଏମିତି ନାମ ଦେଲା ଯେ ଆଉ ପ୍ରେମ କରିବାକୁ ମନ ହେଉନାହିଁ। ମୁଁ ମୋ ମନକୁ କେମିତି ବଦଳାଇବି କହିବେ କି ସାଥୀ ?

*–ପ୍ରସନ୍ନ କୁମାର, ଭୁବନେଶ୍ୱର*

**ଉତ୍ତରଃ**କାହା ବୁଦ୍ଧିରେ ପଡି ପ୍ରେମ କଲେ ଏମିତି ପରିସ୍ଥିତିର ସାମନା କରିବାକୁ ପଡିଥାଏ। ଆପଣଙ୍କ ସାଙ୍ଗର ସଜେସନକୁ ଭଲ ଭାବରେ ପରଖି ନେବାର ଥିଲା। ତାଙ୍କ କଥାରେ ପଡି ଆଗ ପଛ ବିଚାର ନ କରି ଆଗେଇ ଗଲେ। ଆଉ ଅଧା ବାଟରେ ଏମିତି ବୁଦ୍ଧି ଶିଖିଲେ ଯେ ତାହାକୁ ବାଉଳି ହେଉଛନ୍ତି। କଥାରେ ଅଛି 'ଗତସ୍ୟ ଶୋଚନା ନାସ୍ତି'। ତେଣୁ ସେପରି ପ୍ରେମକୁ ଯେତେ ଶୀଘ୍ର ମନରୁ ପାଶୋରି ପକାଇ ନୂଆ ପ୍ରେମ ବିଷୟରେ ଚିନ୍ତା କରନ୍ତୁ ନା !

**ପ୍ରଶ୍ନ**–ପ୍ରେମ କରିବା ପୂର୍ବରୁ ଅନେକ ଝିଅ ଲାଜ କରନ୍ତି କାହିଁକି ?

*–ପବିତ୍ର ରାଉତ, ରାଉରକେଲା*

**ଉତ୍ତରଃ** ଲାଜେଇ ଝିଅର ଆଖିରେ ପ୍ରେମ ଭରି ରହିଥାଏ। ଆଉ ସେଥିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। ତେଣୁ ତା' ଲାଜକୁ ନେଇ ଆପଣ ଯଦି ଲାଜରେ ଝାଉଁଳି ପଡିଲେ ତେବେ ପ୍ରେମ କେମିତି ହେବ କହୁନାହାନ୍ତି ? ସେହି ଲାଜକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ସେଥିରୁ ପ୍ରେମର ସୂରାକ ପାଇଲେ ତେବେ ଡେରି ନ କରି ବହି ଫିଟ୍‌ କରିଦିଅନ୍ତୁ।



# ଅଦ୍ଭୁତ ଉଦ୍ଭାବନ

**ଆବଶ୍ୟକତା ହିଁ ଉଦ୍ଭାବନର ଜନନୀ। ତେଣୁ ଆବିଷ୍କାରର ଏହି ଧାରା ଚାଲିଛି ଓ ଆଗକୁ ମଧ୍ୟ ଚାଲିବ। ତେବେ ବେଳେବେଳେ କିଛି ଅଜବ ଆବିଷ୍କାର ବି ହୁଏ। ଯେମିତିକି ନିମ୍ନରେ ଦିଆଯାଇଥିବା ଏହି ସବୁ ଜିନିଷ...**



**ଏୟାର କଣ୍ଡିସନ୍ଡ ପ୍ୟାଣ୍ଟ:** ଖରାଦିନେ ବାହାରକୁ ଗଲେ ଗରମରେ ଅବସ୍ଥା ଖରାପ ହେଇଯାଏ। ଏହାକୁ ନଜରରେ ରଖି ଜାପାନର କମ୍ପାନୀ କୁଚୋଫୁଁକୁ ତିଆରି କରିଛି ଏୟାର କଣ୍ଡିସନ୍ଡ  ପ୍ୟାଣ୍ଟ। ଏହାକୁ ପିନ୍ଧିଲେ ସାର୍ଟ ପ୍ୟାଣ୍ଟ ଭିତରେ ଥଣ୍ଡା ପବନ ବହିବ। ଏଥିରେ ଥିବା ବ୍ୟାଟେରୀ ପାୱାରର ଫ୍ୟାନ୍ ଶରୀର ଭିତରକୁ ରିଫ୍ରେଶିଂ ଏୟାର ଫ୍ଲୋ କରାଏ। ପ୍ୟାଣ୍ଟର ଜଙ୍ଘ ପାଖରେ ଏହାର କୁଲିଂ ହାର୍ଡୱେରଟି ଝୁଲି ରହିଥାଏ। ହେଲେ ଏହା ବହୁତ ହାଲ୍କା। ତେଣୁ ପ୍ୟାଣ୍ଟ ଭାରି ଲାଗିବ ନାହିଁ। ଏହି ପ୍ୟାଣ୍ଟ ୬୫ ପ୍ରତିଶତ ପଲିଷ୍ଟର, ୩୫ ପ୍ରତିଶତ କଟନରେ ତିଆରି। ଏହା ବିଭିନ୍ନ ସାଇଜ୍‌ରେ ଓ ହାଲ୍କା ଖାକି ରଙ୍ଗରେ ଉପଲବ୍ଧ ହୁଏ।



**ହେଡ୍ ମସାଜର୍:** ମୁଣ୍ଡବ୍ୟଥା ହେଲେ ଯଦି କେହି ଜଣେ ମୁଣ୍ଡକୁ ଚିପି ମସାଜ୍ କରି ଦିଅନ୍ତି ଭାରି ଆରାମ ଲାଗେ। ଇଚ୍ଛା ହୁଏ ଘଣ୍ଟା ଘଣ୍ଟା ସେମିତି କେହି ଜଣେ ମସାଜ କରନ୍ତୁ। ହେଲେ ଏହା ସମ୍ଭବ ହୁଏନା। ଏହି ସମସ୍ୟାକୁ ନଜରରେ ରଖି ତିଆରି ହୋଇଛି ହେଡ ମସାଜର୍। ଏହା ମୁଣ୍ଡର ଆକୃତିରେ ଯେମିତି ଭଲ ଭାବେ ଫିଟ୍ ହେବ ତାକୁ ନଜରରେ ରଖି କରାଯାଇଛି। ମସାଜ୍ କେତେ ଜୋର୍‌ରେ କରାଯିବ ସେଥିପାଇଁ ଏଥିରେ ୮ ପ୍ରକାରର ଆଡଜଷ୍ଟମେଣ୍ଟ ଇଣ୍ଟେନସିଟି ରହିଛି। ଫଳରେ ଆପଣ ଯେତିକି ଚାପରେ ମସାଜ ଚାହାନ୍ତି ସେତିକି ଚାପରେ ସାରା ମୁଣ୍ଡର ମସାଜ ହେବ। ଆଉ ଶାନ୍ତି ଏବଂ ଆରାମ ମିଳିବ। ଏଥିରେ ଭାଇବ୍ରେସନ୍ ମସାଜ ସହ ଆକ୍ୟୁପଙ୍କଚର୍ ପଏଣ୍ଟରେ ମସାଜ ହୁଏ। ଫଳରେ ଖୁବ୍ ଶାନ୍ତି ମିଳିବ ଓ ଭଲ ନିଦ ହେବ।



**ଅମ୍ବ୍ରେଲା ଟାଇ:** ପ୍ରଫେସନାଲ ଲୁକ ଦିଏ ଟାଇ। ତେବେ ଏ ହେଉଛି ଏମିତି ଟାଇ ଯାହାକୁ ପିନ୍ଧିଲେ ପ୍ରଫେସନାଲ ଲୁକ୍ ସହ ଏହା ଖରା ବର୍ଷାରୁ ବି ରକ୍ଷା କରିବ। ଭାବୁଥିବେ ଟାଇ ଖରାବର୍ଷାରୁ ରକ୍ଷା କେମିତି କରିବ ବୋଲି। ତେବେ ଏ ହେଉଛି ଏକ ଖାସ୍ ଟାଇ, ଯାହାର ନାଁ  ଅମ୍ବ୍ରେଲା ଟାଇ। ହଠାତ୍ ବର୍ଷା ହେଇଗଲେ ସଙ୍ଗେ ସଙ୍ଗେ ଏହାର ଛତାକୁ ବ୍ୟବହାର କରି ବର୍ଷାରୁ ରକ୍ଷା ମିଳିପାରିବ। ତେବେ ଏହି ଟାଇର ଦୁର୍ବଳତା ହେଉଛି ଏହାର ଓଜନ। ଏହି ଟାଇକୁ ବେଶି ସମୟ ପିନ୍ଧିଲେ ବେକରେ ଯନ୍ତ୍ରଣା ହେବ। ଆଉ ଥରେ ଏହାକୁ ବର୍ଷା ସମୟରେ ବ୍ୟବହାର କଲେ ତାହା ସୁଖିବା ପରେ ଯାଇ ପିନ୍ଧି ହେବ। ଏହି ଟାଇ ପିନ୍ଧିଲେ ସୁଟ୍‌ର ବଟନ୍ ସବୁ ସମୟରେ ବନ୍ଦ ରଖିବାକୁ ହେବ। ନଚେତ ଛତା ବାହାରକୁ ଦେଖାଯିବ।



**ଜିପ୍ ଷ୍ଟୋରେଜ ଜ୍ୟାକେଟ୍:** ଏହି ଜ୍ୟାକେଟ୍‌କୁ ହୁଏତ କେହି ପିନ୍ଧିବେ। କାରଣ ଏହା ସମ୍ପୂର୍ଣ୍ଣ ଟ୍ରାନ୍ସପରେଣ୍ଟ। ଆଉ ଏଥିରେ ରହିଛି ଅନେକ ଜିପ୍ ଲକ୍ ପକେଟ୍। ଏହା ଭିତରେ ଆପଣ ଯାହା ବି ଜିନିଷ ରଖିବେ ତାହା ସମସ୍ତଙ୍କୁ ଦେଖାଯିବ।

**ନିଆରା ନାପକିନ୍:** ବର୍ଗର ଖାଇବାବେଳେ ବଡ଼ ଆଁ କରି ଖାଇବାକୁ ହୁଏ। ଫଳରେ ଚେହେରା ଅସୁନ୍ଦର ଦେଖାଯାଏ। ଯେଉଁମାନେ ବର୍ଗର ଖାଇବାବେଳେ ବି ସୁନ୍ଦର ଦେଖାଯିବାକୁ ଚାହୁଁଛନ୍ତି ସେମାନେ ଏହି ନାପକିନ୍‌କୁ ବେଶ୍ ପସନ୍ଦ କରିବେ, ଯାହାର ନାଁ ଲିବରେସନ୍ ନାପକିନ୍। ଏଥିରେ ବର୍ଗର ଧରି ଖାଇଲେ ବଡ଼ ଆଁ ଲୁଚି ଯାଇ ନାପ୍‌କିନ୍‌ରେ କରାଯାଇଥିବା ସୁନ୍ଦର ନାକ, ପାଟିର ଚିତ୍ର ଦେଖାଯିବ। ଫଳରେ ଆପଣ ଯେତେବଡ଼ ଆଁ କରି ଖାଇଲେ ବି ଅସୁନ୍ଦର ଦେଖାଯିବାର ଭୟ ନ ଥିବ।






## ହାଃ ହାଃ

### ବୁଲୁଥିଲି

ଶିକ୍ଷକ ପିଣ୍ଟୁକୁ– ତୁ କାଲି ସ୍କୁଲକୁ କାହିଁକି ଆସି ନ ଥିଲୁ ?
ପିଣ୍ଟୁ– କହିବିନି।
ଶିକ୍ଷକ ଚାପୁଡା ମାରି– ଶୀଘ୍ର କହ।
ପିଣ୍ଟୁ– ଭାଲେଣ୍ଟାଇନ୍ସ ଡେ' ଥିଲା ତ ଗାର୍ଲଫ୍ରେଣ୍ଡ ସହ ବୁଲୁଥିଲି।
ଶିକ୍ଷକ– ଏଡିକି ଟିକି ପିଲା ଗର୍ଲଫ୍ରେଣ୍ଡ ଧରିକି ବୁଲୁଛୁ ? କିଏ ଥିଲା ସେଇ ଝିଅ ?
ପିଣ୍ଟୁ– ଆପଣଙ୍କ ଝିଅ।

### ବୁଦ୍ଧିମାନ

ଝଗଡ଼ା ପରେ ସ୍ୱାମୀ: ସବୁ ଭୁଲ୍ ମୋର। ଜଣେ ବୁଝାସୁଝା ବୁଦ୍ଧିମତୀକୁ ମୋର ବାହା ହେବାର ଥିଲା।
ସ୍ତ୍ରୀ: ବୁଝାସୁଝା ବୁଦ୍ଧିମତୀ ଝିଅ ତମକୁ ଭଲା କାହିଁକି ବାହା ହେଇଥାନ୍ତା।
ସ୍ୱାମୀ: ମୁଁ ତ ସେଇ କଥା ପ୍ରମାଣ କରିବାକୁ ଚାହୁଁଥିଲି।

### ଖବରକାଗଜ

ପତ୍ନୀ ସକାଳୁ ସକାଳୁ ସ୍ୱାମୀଙ୍କୁ– ମୁଁ ଖବରକାଗଜ ହୋଇ ଥାଆନ୍ତିକି ! ଅନ୍ତତଃ ପ୍ରତିଦିନ ସକାଳେ ତମେ ମତେ ହାତରେ ତ ଧରି ଥାଆନ୍ତ।
ସ୍ୱାମୀ– ମୋର ବି ସେଇ ଇଚ୍ଛା। ତମେ ଖବରକାଗଜ ହୋଇଥିଲେ ସବୁଦିନ ନୂଆ ନୂଆ ପାଇଥାଆନ୍ତି।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧ **ଫଟୋ ସୌଜନ୍ୟ: ଏଲିଗାଣ୍ଟ ଫଟୋଗ୍ରାଫି**

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ମା' ଜ୍ୱାଳାମୁଖୀ ମନ୍ଦିର



**ହିମାଚଳ ପ୍ରଦେଶର କାଙ୍ଗ୍ରା ଜିଲା ଅନ୍ତର୍ଗତ ଏକ ଆଧ୍ୟାତ୍ମିକ କ୍ଷେତ୍ର ହେଉଛି ପ୍ରସିଦ୍ଧ ଜ୍ୱାଳାମୁଖୀ ମନ୍ଦିର। ଏହା ଏକ ବହୁ ପୁରାତନ ଚମତ୍କାରୀ ଶକ୍ତିପୀଠ; ଯେଉଁଠାରେ ବର୍ଷକ ବାରମାସ ବିଶେଷ କରି ଦୁର୍ଗାପୂଜା ଓ ଦୀପାବଳିରେ ଭକ୍ତଗଣଙ୍କର ଖୁବ୍ ଭିଡ଼ ଦେଖିବାକୁ ମିଳେ...**



### ମା'ଙ୍କ ଆବିର୍ଭାବକୁ ନେଇ କିମ୍ବଦନ୍ତୀ

କିମ୍ବଦନ୍ତୀ ଅନୁସାରେ, ଦକ୍ଷ ପ୍ରଜାପତିଙ୍କ କନ୍ୟା ସତୀ ପିତାଙ୍କ ଇଚ୍ଛା ବିରୁଦ୍ଧରେ ଦେବ ଦେବ ମହାଦେବଙ୍କୁ ବିବାହ କରିଥିଲେ। ତେଣୁ ପରେ ଯେବେ ଦକ୍ଷ ପ୍ରଜାପତି ଏକ ମହାଯଜ୍ଞ ଅନୁଷ୍ଠିତ କଲେ ସମସ୍ତ ଦେବଗଣଙ୍କୁ ନିମନ୍ତ୍ରଣ କରିଥିଲେ ସୁଦ୍ଧା ନିଜ କନ୍ୟା ଓ ଜାମାତାଙ୍କୁ ନିମନ୍ତ୍ରଣ କରି ନ ଥିଲେ। ଏକଥାରେ ଦେବୀ ସତୀ ଅଭିମାନ କରି ପିତ୍ରାଳୟକୁ ଆସି ଯେବେ ସେଠାରେ ପିତାଙ୍କ ଦ୍ୱାରା ତାଙ୍କ ପତିଙ୍କର ଅପମାନ ଓ ଉପେକ୍ଷା ହେଉଥିବାର ଦେଖିଲେ ତାକୁ ସହି ନ ପାରି ସେହି ଯଜ୍ଞକୁଣ୍ଡରେ ଆତ୍ମାହୁତି ଦେଇଦେଲେ। ମହାଦେବ ଏ ଖବର ପାଇ କୋପ ଜର୍ଜରିତ ହୋଇ ସେଠାରେ ଉପସ୍ଥିତ ହେଲେ ଏବଂ ଦକ୍ଷ ପ୍ରଜାପତିଙ୍କ ଶିର ଛେଦନ କରିବା ସହ ଯଜ୍ଞକୁଣ୍ଡରେ ଆତ୍ମାହୁତି ଦେଇଥିବା ଦେବୀ ସତୀଙ୍କର ମୃତ ଶରୀରକୁ କାନ୍ଧରେ ପକାଇ ପୃଥିବୀ ସାରା ବୁଲିବୁଲି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ପୃଥିବୀକୁ ରକ୍ଷା କରିବା ଲାଗି ଦେବତାଙ୍କ ଅନୁରୋଧ କ୍ରମେ ଶ୍ରୀ ବିଷ୍ଣୁ ସୁଦର୍ଶନ ଚକ୍ରରେ ଦେବୀ ସତୀଙ୍କର ମୃତ ଶରୀରକୁ ଖଣ୍ଡ ଖଣ୍ଡ କରି କାଟି ପକାଇଲେ ଏବଂ ମହାଦେବଙ୍କୁ ଶାନ୍ତ ହେବା ଲାଗି ପ୍ରାର୍ଥନା କରିଥିଲେ। ଦେବୀ ସତୀଙ୍କ ଶରୀରର ଖଣ୍ଡମାନ ଯେଉଁ ଯେଉଁ ସ୍ଥାନରେ ପଡ଼ିଥିଲା ସେସବୁ ସ୍ଥାନ ପରେ ପରମପାବନ ଶକ୍ତିପୀଠରେ ପରିଣତ ହୋଇଥିଲା। ଦେବୀଙ୍କ ଶରୀରର ଖଣ୍ଡରୁ ୫୧ଟି ଶକ୍ତିପୀଠ ସୃଷ୍ଟି ହୋଇଥିଲା। ସୂଚନାନୁଯାୟୀ, ଏଠାରେ କୁଆଡ଼େ ମାତା ସତୀଙ୍କର ଜିହ୍ୱା ପତିତ ହୋଇଥିଲା ଏବଂ ତହିଁରୁ ପିତାଙ୍କ କୃତ ଅପମାନ ବିରୋଧରେ ବିଦ୍ରୋହର ଜ୍ୱାଳା ୯ଟି ଲେଲିହାନ ଶିଖା ତୋଳି ଅହରହ ସ୍ଫୁରିତ ହେଉଥିଲା। ଦେବଦେବ ମହାଦେବ ଶାନ୍ତ ହେବା ପରେ ବି ଏହି ଜ୍ୱଳନ୍ତ ଶିଖାଗୁଡ଼ିକ ଅଦମିତ ହେଲେ ନାହିଁ; ତେଣୁ ସେହି ଆସ୍ଥାରେ ଦେବୀଙ୍କର ଆରାଧନା କରାଯାଇଥିଲା। ଏହି ୯ଟି ଶିଖାର ନାମ ହେଲା: ମହାକାଳୀ, ମହାଲକ୍ଷ୍ମୀ, ମହାସରସ୍ୱତୀ, ହିଙ୍ଗଲାଜ୍ ଭବାନୀ, ବିନ୍ଧ୍ୟବାସିନୀ, ଅନ୍ନପୂର୍ଣ୍ଣା, ଚଣ୍ଡୀଦେବୀ, ଅଞ୍ଜନା ଦେବୀ ଏବଂ ଅମ୍ବିକା ଦେବୀ। ଏମାନଙ୍କ ପ୍ରତିମୂର୍ତ୍ତି ମନ୍ଦିର ବେଢ଼ାରେ ପୂଜିତ ହେଉଛନ୍ତି।

### ମନ୍ଦିର ପ୍ରତିଷ୍ଠାକୁ ନେଇ ଲୋକକଥା

ଲୋକକଥା ଅନୁଯାୟୀ, ଏକଦା ଜଣେ ଗାଈ ଜଗୁଆଳ ହିମାଳୟର ପାଦଦେଶରେ ଗାଈଙ୍କୁ ଚରାଇବାବେଳେ ଦେଖିଲା, ଗୋଟିଏ ଦୁହାଁଳିଆ ଗାଈ ପ୍ରତ୍ୟେକ ଦିନ ଏକ ପାହାଡ଼ ଉପରେ ଥିବା ଜଙ୍ଗଲକୁ ଯାଉଛି ଏବଂ ସେଠାରୁ ଫେରିବାବେଳକୁ ତା'ର ପହ୍ନାରେ ଆଉ କ୍ଷୀର ରହୁନି। ଏମିତି କିଛିଦିନ ଲକ୍ଷ୍ୟ କରିବା ପରେ ଗାଈ ଜଗୁଆଳଟି ଦିନେ ସେ ଗାଈ ପଛେ ପଛେ ଯାଇ ଦେଖିଲା, ଗୋଟିଏ ସ୍ଥାନରେ ହୁ ହୁ ହୋଇ ନିଆଁ ଜଳୁଛି ଆଉ ସେ ଗାଈଟି ଯାଇ ସେଇ ନିଆଁ ଉପରେ ଠିଆ ହେବା ମାତ୍ରେ ତା' ପହ୍ନାରୁ ଆପେ ଆପେ କ୍ଷୀର ବୋହିଯାଉଛି ସେ ନିଆଁ ଉପରେ। ତା'ପରେ ଗାଈଟି ଫେରି ଆସୁଛି ଆପଣା ସ୍ଥାନକୁ। କିନ୍ତୁ ସେଠାରେ ସେ ନିଆଁଟି ଲିଭିଯାଉ ନାହିଁ କି ଗାଈର ମଧ୍ୟ କିଛି କ୍ଷତି ହେଉ ନାହିଁ। ଏମିତି ଦୃଶ୍ୟ ଦେଖି ଗାଈ ଜଗୁଆଳ ଭୟଭୀତ ହୋଇଯାଇ ଗାଁରେ ଜଣାଇଲା ଆଉ ଗ୍ରାମବାସୀମାନେ ମିଶି ଏକଥା ସେଠାକାର ରାଜା ଭୂମିଚନ୍ଦଙ୍କୁ ଜଣାଇଲେ। ରାଜା ନିଜର ସୈନ୍ୟସାମନ୍ତ ଧରି ଘଟଣାସ୍ଥଳକୁ ଯାଇ ସତ୍ୟତା ଅନୁଧ୍ୟାନ କରିବା ପରେ ସେଠାରେ ମନ୍ଦିରଟିଏ ତୋଳା ହେଲା। ପରବର୍ତ୍ତୀ ସମୟରେ ମହାରାଜା ରଣଜିତ ସିଂହ ଏବଂ ରାଜା ସଂସାରଚନ୍ଦଙ୍କ ଦ୍ୱାରା ଏହି ମନ୍ଦିରର ମରାମତି ଏବଂ ନବୀକରଣ କରାଯାଇଥିଲା। ଦେବୀ ଜ୍ୱାଳାମୁଖୀ ମନ୍ଦିରରେ ନିରନ୍ତର ଜଳୁଥିବା ଏହି ଜ୍ୱାଳା ବିଷୟରେ ଅନେକ ଗବେଷଣା ସତ୍ତ୍ୱେ ମଧ୍ୟ ଏହାର ପ୍ରକୃତ ତଥ୍ୟ ଆଜିଯାଏଁ ମିଳିପାରିନାହିଁ। ଏହା ଦୈବୀ ଚମତ୍କାର ନା ସେଠାରେ ଭୂମି ତଳେ ରହିଥିବା ପ୍ରାକୃତିକ ଗ୍ୟାସର ଚମତ୍କାର ତାହା ନିର୍ଣ୍ଣୟ ହୋଇପାରିନାହିଁ।



### ମନ୍ଦିରର ମାହାତ୍ମ୍ୟ

ଐତିହାସିକ ତଥ୍ୟ ଅନୁସାରେ, ମୋଗଲ ସମ୍ରାଟ ଆକବର ମଧ୍ୟ ଜ୍ୱାଳାମୁଖୀ ଦେବୀଙ୍କର ଚମତ୍କାର କଥା ଶୁଣି ନିଜେ ଏହି ସ୍ଥାନକୁ ପରିଦର୍ଶନ କରିଥିଲେ ଏବଂ ଅହୋରାତ୍ର ଜଳୁଥିବା ଏହି ଶିଖାଗୁଡ଼ିକୁ ନିର୍ବାପିତ କରିବା ପାଇଁ ଅନେକ ପ୍ରୟାସ କରିଥିଲେ। ପ୍ରଥମେ ସେ ଶିଖାଗୁଡ଼ିକୁ ପର୍ଯ୍ୟାପ୍ତ ପାଣି ଢାଳି ଲିଭାଇବା ପାଇଁ ଚେଷ୍ଟା କଲେ। ସେଥିରେ ଅସଫଳ ହେବାରୁ ଅଗ୍ନିଶିଖାକୁ ଗୋଟିଏ ଲୁହା ଚଦରର ଢାଙ୍କୁଣି କରି ଘୋଡ଼ାଇ ରଖିବାକୁ ଉଦ୍ୟମ କଲେ; ମାତ୍ର ସେଥିରେ ବି ସଫଳ ହେଲେ ନାହିଁ। ଶେଷରେ ମାତାଙ୍କ ଦିବ୍ୟତାକୁ ସ୍ୱୀକାର କରି ସେଠାରେ ଗୋଟିଏ ସ୍ୱର୍ଣ୍ଣ ଛତ୍ର ଲଗାଇବାର ବନ୍ଦୋବସ୍ତ କରିଦେଲେ। କିନ୍ତୁ ତାଙ୍କ ମନରେ ଗର୍ବ ରହିଲା ଯେ, ସେ ଏତେବଡ଼ ସୁନାର ଛତ୍ରଟିଏ ଦେଇଛନ୍ତି ଦେବୀଙ୍କୁ। ସେଥିପାଇଁ ଦେବୀଙ୍କ କୋପରୁ ସେହି ସ୍ୱର୍ଣ୍ଣଛତ୍ରଟି ଏକ ବିଚିତ୍ର ଧାତୁରେ ପରିବର୍ତ୍ତିତ ହୋଇଯାଇଥିଲା। ତା'ପରେ ସମ୍ରାଟ ଆକବର ଦେବୀଙ୍କ ପାଖରେ ନତମସ୍ତକ ହୋଇ ଫେରି ଆସିଥିଲେ। ସେହି ଛତ୍ରଟି ଆଜି ମଧ୍ୟ ମନ୍ଦିର ପରିସରରେ ରହିଛି। ତା'ସହିତ ମନ୍ଦିର ଭିତରେ ଦେବୀଙ୍କ ପ୍ରତୀକ ସ୍ୱରୂପ ସେହି ଅଗ୍ନିଶିଖା ଏବେ ବି ସେମିତି ଜଳୁଛି; ଯାହାକୁ ଦର୍ଶନ କରି କୃତାର୍ଥ ହେବା ପାଇଁ ସାରା ବିଶ୍ୱର କୋଣ ଅନୁକୋଣରୁ ଭକ୍ତ ଏବଂ ପର୍ଯ୍ୟଟକମାନେ ଛୁଟି ଆସୁଛନ୍ତି। ଏଠାରେ ଦେବୀଙ୍କର ମୂର୍ତ୍ତି ନୁହେଁ ଏହି ଜ୍ୱାଳାମୁଖୀ ହିଁ ପୂଜା ପାଇଥାନ୍ତି। ଏଥିସହିତ ଶ୍ରୀଗଣେଶ, ଦୁର୍ଗା ଦେବୀ, ମହାଦେବଙ୍କୁ ବି ଏଠାରେ ପୂଜା କରାଯାଇଥାଏ। ଶାରଦୀୟ ଏବଂ ଚୈତ୍ର ନବରାତ୍ର ଏଠାକାର ମୁଖ୍ୟ ପର୍ବ।

### ଗମନାଗମନ

ଏଠାକୁ ଯିବାପାଇଁ ନିକଟତମ ରେଳଷ୍ଟେଶନ ହେଉଛି ଜ୍ୱାଳାମୁଖୀ ରୋଡ୍ ରେଲୱେ ଷ୍ଟେଶନ ଓ ନିକଟତମ ଏୟାରପୋର୍ଟ ହେଉଛି କାଙ୍ଗ୍ରା ଏୟାରପୋର୍ଟ। ତେବେ ଶିମ୍ଲା ଏୟାରପୋର୍ଟ ହେଉଛି ଏଠାକାର ଅନ୍ୟତମ ପ୍ରମୁଖ ବିମାନବନ୍ଦର; ଯାହା ମନ୍ଦିରଠାରୁ ପ୍ରାୟ ୨୫୦ କି.ମି. ଦୂରରେ ଅବସ୍ଥିତ।

*–ସୁଷମା ପରିଜା, ଶାରଳା ଭବନ,*
*ପୋତାପୋଖରୀ, କଟକ–୪*
*ମୋ: ୯୩୩୭୨୭୨୬୪୭*



# ପବିତ୍ର ଶଙ୍ଖ



**ହିନ୍ଦୁଧର୍ମରେ ଶଙ୍ଖର ମାହାତ୍ମ୍ୟ ବହୁତ ରହିଛି। ଏଥିରୁ ନିସୃତ ଧ୍ୱନୀ ମାନସିକ ଶାନ୍ତି ପ୍ରଦାନ କରିବା ସହ ଘରୁ ନକାରାତ୍ମକ ଉର୍ଜାକୁ ନାଶ କରେ ବୋଲି ବିଶ୍ୱାସ କରାଯାଏ। ତେବେ ଶଙ୍ଖର ଯେ କେବଳ ଧାର୍ମିକ ମାନ୍ୟତା ରହିଛି ତାହା ନୁହେଁ ବିଜ୍ଞାନ ବି କହେ ଶଙ୍ଖଫୁଙ୍କିବାର ରହିଛି ଅନେକ ଉପକାର। ଜାଣନ୍ତୁ ସେ ସମ୍ପର୍କରେ..**

ହିନ୍ଦୁଧର୍ମରେ ଶଙ୍ଖକୁ ପବିତ୍ର ମଣାଯାଏ। ଧାର୍ମିକ ଗ୍ରନ୍ଥରେ ଉଲ୍ଲେଖ ରହିଛି ଯେ, ଭଗବାନ ବିଷ୍ଣୁ ଓ ମା' ଲକ୍ଷ୍ମୀଙ୍କର ଏହା ବହୁତ ପ୍ରିୟ। ତେଣୁ କୁହାଯାଏ କି, ଯେଉଁଘରେ ଶଙ୍ଖ ଥାଏ ଭଗବାନ ବିଷ୍ଣୁ ସେଇଠି ବାସ କରନ୍ତି। ଆଉ ଯେଉଁଠି ଭଗବାନ ବିଷ୍ଣୁ ବାସ କରନ୍ତି ସେଠି ମା' ଲକ୍ଷ୍ମୀ ସ୍ୱୟଂ ବିରାଜମାନ କରନ୍ତି। ଶଙ୍ଖରୁ ନିସୃତ ଧ୍ୱନୀ ମାନସିକ ଶାନ୍ତି ପ୍ରଦାନ କରିବା ସହ ଘରୁ ନକାରାତ୍ମକ ଉର୍ଜାକୁ ନାଶ କରେ ବୋଲି କୁହାଯାଏ। ବିଷ୍ଣୁ ପୁରାଣ ଅନୁସାରେ ଶଙ୍ଖର ଉତ୍ପତ୍ତି ସମୁଦ୍ର ମନ୍ଥନରୁ ହୋଇଛି। ସମୁଦ୍ର ମନ୍ଥନ ସମୟରେ ମିଳିଥିବା ୧୪ ରତ୍ନ ମଧ୍ୟରୁ ଶଙ୍ଖ ଅନ୍ୟତମ। ମା' ଲକ୍ଷ୍ମୀ ହେଉଛନ୍ତି ସମୁଦ୍ର ରାଜାଙ୍କ ପୁତ୍ରୀ। ସେଥିପାଇଁ ଶଙ୍ଖକୁ ମା' ଲକ୍ଷ୍ମୀଙ୍କ ଭାଇ ବୋଲି ବି କୁହାଯାଏ। ଶଙ୍ଖ ବିଜୟ, ଯଶ ଓ କିର୍ତ୍ତୀର ପ୍ରତିନିଧିତ୍ୱ କରିଥାଏ।

**ଶଙ୍ଖର ମହତ୍ତ୍ୱ:** ସୁଖ-ସମୃଦ୍ଧି ଓ ସୌଭାଗ୍ୟବର୍ଦ୍ଧକ ଶଙ୍ଖକୁ ଭାରତୀୟ ସଂସ୍କୃତିରେ ମାଙ୍ଗଳିକ ଚିହ୍ନ ଭାବେ ଗ୍ରହଣ କରାଯାଇଛି। ସମସ୍ତ ବୈଦିକ କାର୍ଯ୍ୟରେ ଶଙ୍ଖର ବିଶେଷ ସ୍ଥାନ ରହିଛି। ଶଙ୍ଖ ହେଉଛି ଭଗବାନ ବିଷ୍ଣୁଙ୍କ ପ୍ରମୁଖ ଆୟୁଧ।

**ଶଙ୍ଖର ପ୍ରକାର:** ଶଙ୍ଖ ବିଭିନ୍ନ ପ୍ରକାରର। ଯେମିତିକି-ଗଣେଶ ଶଙ୍ଖ, ଦକ୍ଷିଣାବର୍ତ୍ତୀ ଶଙ୍ଖ, କୌରୀ ଶଙ୍ଖ, କାମଧେନୁ ଶଙ୍ଖ, ବାମାବର୍ତ୍ତୀ ଶଙ୍ଖ, ଶ୍ରୀକୃଷ୍ଣଙ୍କ ପଞ୍ଚଜନ୍ୟ ଶଙ୍ଖ, ହୀରା ଶଙ୍ଖ, ମୋତି ଶଙ୍ଖ, ମହାଲକ୍ଷ୍ମୀ ଶଙ୍ଖ ଆଦି। ତେବେ ବାମାବର୍ତ୍ତୀ ଓ ଦକ୍ଷିଣାବର୍ତ୍ତୀ ଶଙ୍ଖର ମହତ୍ତ୍ୱ ବେଶୀ।





**ଧର୍ମରେ, ବିଜ୍ଞାନରେ ଶଙ୍ଖ:** ଯେକୌଣସି ଧାର୍ମିକ ଅନୁଷ୍ଠାନର ଆରମ୍ଭରେ ଶଙ୍ଖ ବଜାଯାଏ। ଶଙ୍ଖର ଜଳକୁ ପବିତ୍ର ମଣାଯାଏ। ଶଙ୍ଖର ଯେ କେବଳ ଧାର୍ମିକ ମାନ୍ୟତା ରହିଛି ତାହା ନୁହେଁ ଏହାର ବୈଜ୍ଞାନିକ ଆଧାର ବି ରହିଛି। ବିଭିନ୍ନ ବୈଜ୍ଞାନିକ ଗବେଷଣା କହେ, ଶଙ୍ଖର ଧ୍ୱନି ଯେ ପର୍ଯ୍ୟନ୍ତ ପହଞ୍ଚେ ସେହି ବାତାବରଣରେ ରହୁଥିବା ସମସ୍ତ ହାନିକାରକ କୀଟାଣୁ ନଷ୍ଟ ହୋଇଯାଏ। ପ୍ରତିଦିନ ଶଙ୍ଖ ବଜାଇବା ସ୍ୱାସ୍ଥ୍ୟ ପାଇଁ ବି ଲାଭଦାୟକ। ଏହାକୁ ବଜାଇଲେ ଫୁସ୍‌ଫୁସ୍ ଶକ୍ତିଶାଳୀ ହୁଏ। ଶ୍ୱାସ ସମ୍ବନ୍ଧୀୟ ସମସ୍ୟା ଦୂର ହୁଏ। ବିଶ୍ୱାସ ରହିଛି ଶଙ୍ଖରେ କ୍ୟାଲସିୟମ, ଫସ୍‌ଫରସ୍ ଓ ଗନ୍ଧକ ଗୁଣ ଥାଏ। ତେଣୁ ଏହାର ଜଳକୁ ପିଇଲେ ହାଡ଼ ଶକ୍ତ ହୁଏ ଓ ଦାନ୍ତ ବି ସୁସ୍ଥ ରହେ।

# ୧୦୪ ବର୍ଷ ବୟସରେ ସ୍କାଏ ଡାଇଭିଂ

ଯଦି ମନ ଯୁବସୁଲଭ ଓ ସେଥିରେ ଭରି ରହିଛି ସାହସ, ତେବେ ବୟସ କେବଳ ସଂଖ୍ୟା ମାତ୍ର। ଯାହାକୁ ପ୍ରମାଣିତ କରି ଦେଖାଇଛନ୍ତି ଡରୋଥି ହାଫନର୍। ୧୦୪ ବର୍ଷ ବୟସରେ ଚିକାଗୋର ଏହି ବୃଦ୍ଧା ଉଡାଜାହାଜରୁ ଡେଇଁ ସବୁଠାରୁ ବୟସ୍କା ମହିଳା ସ୍କାଏ ଡାଇଭର୍‌ର ରେକର୍ଡ କରିଛନ୍ତି। ରୋମାଞ୍ଚକୁ ଭଲ ପାଉଥିବା ଡରୋଥି ଚିକାଗୋରୁ ୧୪୦ କି.ମି. ଦକ୍ଷିଣ ଇଲିନଏସ୍‌ର ଅଟାୱାରେ ୧୩,୫୦୦ ଫୁଟ୍ ଉଚ୍ଚତାରୁ ଏକ ବିମାନରୁ ଡେଇଁ ଟାଣ୍ଡେମ ସ୍କାଏ ଡାଇଭିଂ କରିଥିଲେ। ଆଉ ଗିନିଜ ୱାର୍ଲ୍ଡ ରେକର୍ଡସ୍‌ରେ ନିଜ ନାମକୁ ସାମିଲ କଲେ। ସୂଚନାଯୋଗ୍ୟ ଯେ, ତାଙ୍କୁ ଯେବେ ୧୦୦ ବର୍ଷ ବୟସ ହୋଇଥିଲା ସେ ପ୍ରଥମ ଥର ପାଇଁ ସ୍କାଏ ଡାଇଭିଂ କରିଥିଲେ। ସେତେବେଳେ ତାଙ୍କ ମନରେ ଟିକେ ଭୟ ଥିଲା। ଆଉ ସ୍କାଏ ଡାଇଭିଂ କରିବା ପାଇଁ ତାଙ୍କୁ ବିମାନରୁ ଠେଲିବାକୁ ପଡ଼ିଥିଲା । କିନ୍ତୁ ୧୦୪ ବର୍ଷ ବୟସରେ ଯେବେ ପୁଣିଥରେ ସ୍କାଏ ଡାଇଭିଂ କଲେ ମନରେ ନ ଥିଲା ଭୟ। ଆଉ ସେ ନିଜେ ଡେଇଁଥିଲେ। ଯଦିଓ ତାଙ୍କ ସହ ଜଣେ ସହାୟକ ଥିଲେ। ହେଲେ ଦୁଃଖର କଥା ରେକର୍ଡ କରିବାର ମାତ୍ର ସପ୍ତାହକ ପରେ ଡରୋଥିଙ୍କ ମୃତ୍ୟୁ ହୋଇଗଲା।





## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

# ବଳକା ଭକ୍ତି

ପୂଜାଟା ପୂଜା ଭଳିଆ ହେବା ଦରକାର । ଟଙ୍କାକୁ ଡରି ଅଳ୍ପ ଖର୍ଚ୍ଚକରି ଯେମିତି-ସେମିତି ପୂଜାକରି ଲାଭ କ'ଣ ? ଯୁଗ ଯାଇ କୋଉଠି ପହଞ୍ଚିଲାଣି । ଏ ବୁଢ଼ାମାନଙ୍କ କଥାରେ ପଡ଼ି ମାନ୍ଧାତା ଅମଳର ପରମ୍ପରାକୁ ଜାବୁଡ଼ିଧରି ଚାଲିଲେ, ଲୋକେ କହିବେ ଆମେ ପଛୁଆ । ପାଞ୍ଚ-ପଚିଶି ଲୋକଙ୍କ ସହ ଭେଣ୍ଡିଆଙ୍କୁ ବସେଇ, ମନରେ ପାଞ୍ଚିଥିବା କଥା ପଞ୍ଝୁଆ ସମସ୍ତଙ୍କୁ ମିଟିଙ୍ଗରେ ବୁଝେଇଲା ବେଳେ ବୁଢ଼ା ଲୋକମାନେ ଉଠି ପଳେଇଲେ । ବାକି ସବୁ କୁରୁଳିଲେ । ତାଙ୍କ ଭିତରୁ ଜଣେ କହିଲା- ଯାହାର ମା'ଙ୍କ ପାଇଁ ଭକ୍ତିଭାବ ନାହିଁ, ସେ ଯାଆନ୍ତୁ । ସେମାନେ ରହିଲେ କଥା ଫାଇନାଲ କରିହେବନି । ହେଲେ ବେଳକୁ ବେଳ ସରକାର ଯୋଉ କଟକଣା କଲେଣି, ଲାଗୁଛି ଆଉ ଆଗକୁ ପୂଜା ଜାକଜମକରେ ରସରସିଆ କରି ହେବନି । ଆରେ ଭାଇ ! ପୂଜାକୁ ରସରସିଆ ଆଖି ଝଲସିଆ କରିବାକୁ ହେଲେ ବଡ଼ ମେଢ଼, ବଡ଼ ସାଜସଜ୍ଜା ଆଲୁଅ, ତୋରଣ, ସାଙ୍ଗକୁ ଆଧୁନିକ ନାଚ-ଗୀତ, ବାଜା, ପୁଣି ଭସାଣି ଉତ୍ସବ ବା ବିସର୍ଜନ ବେଳେ ବିଷାଦ ନୁହଁ ବରଂ ଆନନ୍ଦମନରେ ମନ-କର୍ଣ୍ଣ-ରସାୟନ କଳାଭଳି ଡିଜେ ବାଜା ସାଥିରେ ତାଳଦେଇ, ଆଳସ୍ୟପଣ ଛାଡ଼ି ହାତ-ଗୋଡ଼ କଚାଡ଼ି ଉଚ୍ଚ ରୋଳରେ ଉଚ୍ଛମନରେ ନାଚିବା ଦର୍କାର । ହେଲେ କ'ଣ ବୁଝୁଛନ୍ତି ସର୍କାର ? ଖାଲି ସବୁଥିରେ କଟକଣା ! ଶୁଣାଯାଉଛି ଦେଶୀ-ବିଦେଶୀ ବୋତଲ ପାଣି ବିକ୍ରୟ ଉପରେ ଲଗାମ ଲଗେଇବେ ! କଡା ଆଇନ କରିବେ । ଆହେ, ଏମିତି ଚାରିଆଡୁ ଆମ ଭକ୍ତି-ଭାବକୁ ଚିପିଦେଲେ କ'ଣ ମନରେ ସରସତା... ବିଶ୍ୱାସ ଶ୍ରଦ୍ଧା ଭକ୍ତି... ଜାଗ୍ରତ ହବ କେମିତି ? ହ..ହଉ । କେତେ କଟକଣା କରାଯାଉ । ମାତ୍ର ସିଏ ଡାଳେ ଡାଳେ ଗଲେ, ଆମେ ପରା ପତ୍ରେ ପତ୍ରେ ଯିବାର କୌଶଳ ଜାଣୁ । ବେଳ ହୁଁ ଆଗୁଆ କିଣି ସୁବ୍ୟବସ୍ଥା କରି ରଖିବା । ଏଇ ବଳକା ଭକ୍ତିର ଭକ୍ତ, ଯିଏ ଏଭଳି ବକ୍ତୃତା ଦେଇ କହୁଥିଲେ ଅନ୍ୟର ଭକ୍ତି ଜାଗ୍ରତ କରିବାକୁ, ସିଏ ପଞ୍ଝୁଆ ବାବୁଙ୍କ ଦାଦି ପୁଅ ଭାଇ.. ପର୍ଶୁଆ । ଏଇ ଦୁଇଭାଇ ଯୋଉ କାମରେ ହାତ ଦିଅନ୍ତି, 'ଯୋଡ଼ାକୁ ନୁହଇଁ ଘୋଡ଼ା ସରି' ପ୍ରମାଣ ଦିଅନ୍ତି । ତାଙ୍କରି ସୁପର ବୁଦ୍ଧିରେ, ଗଲା ବରଷଠାରୁ ଏ ବରଷ ପୂଜା ପାଇଁ ଢେଏରେ ଅଧିକ ମାନେ ଡବଲ ଚାନ୍ଦା ଆଦାୟ ହୋଇପାରିଥିଲା । ଆଗରୁ ବୁଢ଼ା-ମୁରବିଙ୍କ କଥାରେ ବଜାର ଦୋକାନୀ ଦୈନିକ ଦଶଟଙ୍କା ହିସାବରେ ଜଣକା ବର୍ଷକୁ ମାତ୍ର ତିନି ହଜାର ଛ'ଶହରୁ କିଛି କମ ବେଶି ଦେଉଥିଲେ । ବାକି ଗାଡ଼ି ଅଟକେଇ ଯେଉଁ ଶହେ ପଚାଶ ଜଣିକା ଆଦାୟ ହେଉଥିଲା, ଏବେ ଆମ ବେପାର ବନ୍ଦ କରିଲେ... ଯିଏ ଗଣେଶ ପୂଜା, ବିଶ୍ୱକର୍ମା ପୂଜା, ଏମିତିକି ଝୁଅପିଲାମାନେ ବି ଖୁଦୁରୁକୁଣୀ ପାଇଁ ସେମାନଙ୍କଠାରୁ ଚାନ୍ଦା ଚନ୍ଦେଇ, ପୂରା ଆମ ଧନ୍ଦାକୁ ମାନ୍ଦେଇ ଦେଇଥିଲେ । ଆଗରୁ ଯିଏ ଖୁସିରେ ଦେଉଥିଲେ, ଏବେ ଥାନା ପୋଲିସ ଧମକ ଦେଉଛନ୍ତି । ମାତ୍ର ପଞ୍ଝୁ-ପର୍ଶୁଙ୍କ ବୁଦ୍ଧିରେ ଏ ବର୍ଷ ଆଦାୟ ଡବଲ ବୃଦ୍ଧି ପାଇଥିଲା । ଏମାନେ ଦୁଇଭାଇ ସିନା ପାଠରେ କମ, ହେଲେ ବୁଦ୍ଧିରେ ବଳକା । ତେଣୁ ସେମାନେ ପୂଜାର ଛ'ମାସ ଆଗରୁ ମିଟିଙ୍ଗରେ କଥା ପକ୍କା କରିଦେଇଥିଲେ, ତାଙ୍କ ଦ୍ୱାରା ଯେତେ ଚାନ୍ଦା ଆଦାୟ ହେବ, ତା'ର ଶହକେ ପଚିଶ ଭାଗ ସେମାନେ ନେବେ । ଆଗକୁ



ଆଉ ଅଡୁଆ ନ ଥିଲା । ସେମାନେ ଦୁଇଭାଇ ବାହାରେ ହାତ ପତେଇ ଇଜ୍ଜତ ସାରୁ ନ ଥିଲେ, ବରଂ ଏମିତି ବୁଦ୍ଧି କରିଥିଲେ ଯେ, ଲୋକେ ଆପଣା ଛାଏଁ ଶହେ ପାଁ ଶହ ନୁହଁ, ପୂରା ତିନି ହଜାରରୁ ତେଣିକି ବଢ଼େଇ ଯିଏ ଯାହା ଦେବାରେ ଜମାରୁ ହେଳା କରୁ ନ ଥିଲେ । ଏଇ ଟଙ୍କା ଆଦାୟ ହେଉଥିଲା... ସହରରେ ଥିବା ଯେତେ ସରକାରୀ ବେସରକାରୀ ଅଫିସ କର୍ମଚାରୀମାନଙ୍କଠାରୁ । ଆପଣ ଆଶ୍ଚର୍ଯ୍ୟ ହେଉଛନ୍ତି କି ? ନା.. ମ । ଟିକେ ଧର୍ଯ୍ୟଧରି ଶୁଣନ୍ତୁ ! ପଞ୍ଝୁ ଭାଇ ପର୍ଶୁର ଚେହେରା ଯେମିତି, କଥା କହେ ବି ସେମିତି । ତା' ଡଉଲ ଡାଉଲ ଡେଙ୍ଗା ଚେହେରାକୁ ବେଶ-ପୋଷାକ, କଥା ଶୁଣିଲେ କେହି ଅଳ୍ପ ପଢୁଆ ଭାବିପାରିବେନି । ଆଜିକାଲି ନକଲି ଜିନିଷର ବଜାରରେ ଭଲ ପ୍ରତିଯୋଗିତା ଡାଲି, କ୍ଷୀର, ଘିଅ, ମିଠା, ଚା'ପତି ଠାରୁ ପତି-ପତ୍ନୀ ବି ଡୁପ୍ଲିକେଟ ସବୁ ମିଳିଲେଣି-ଅରଜିନାଲ ବିଜ୍ଞାପନରେ । ତେଣୁ ପଞ୍ଝୁ -ପର୍ଶୁ ପଛରେ କିଆଁ ରହିବେ ? ପଞ୍ଝୁ ବୁଦ୍ଧିରେ ପର୍ଶୁ ବେକରେ ଝୁଲିଲା.. ଅର୍ଜିନାଲ ଦିଶୁଥିବା ଭଳିଆ ଗୋଟେ ଆଇ-କାର୍ଡ । ଯୋଉଥିରେ ରଙ୍ଗିନ ଫଟୋ ସହିତ ବଡ଼ ଅକ୍ଷରରେ ଇଂରାଜୀରେ ପ୍ରେସ ଲେଖାଥିଲା । ବେଶପୋଷାକ, କଥାବାର୍ତ୍ତାରୁ ଖାଣ୍ଟି ସାମ୍ବାଦିକ ବୋଲି ଯେ କେହି ଭାବିବ । ସହରସାରା ବୁଲି ଯେତେ ଅଛନ୍ତି କର୍ମଚାରୀ, ସେ ହୁଅନ୍ତୁ ସର୍କାରୀ କି ବେସର୍କାରୀ, ସେମାନଙ୍କଠୁ ଚାନ୍ଦା ଆଦାୟକରି, ଗଲା ତିନିମାସ ତଳେ ଯେଉଁ ହିସାବ ଦେଇ ଟଙ୍କା ପୈଠ କଲେ, ତାହା ବର୍ଷସାରା ଦୋକାନୀଙ୍କ ପାଖରୁ ମିଳିଥିବା ଚାନ୍ଦାରୁ ବହୁତ ଅଧିକ । ମାତ୍ର ଅନେକେ ଏ ରହସ୍ୟ ଭେଦ କରି ନ ପାରି ଆଁଟା କରି ଅନେଇ ରହିଥିଲେ । କେହି ପଚାରିଲେ, ସେମାନେ କହୁଥିଲେ.. ଏସବୁ ମା'ଙ୍କ ଦୟା.. ତାଙ୍କ ପ୍ରତି ପ୍ରଗାଢ଼ ଭକ୍ତିର ଶକ୍ତି ।

କୋଉ ଅଫିସରେ କ'ଣ ଚାଲିଛି, କୋଉଠି କୋଉ ବିଲ୍ କେମିତି ପାସ୍ ହେଉଛି, କୋଉ ଉପାୟରେ କିଏ କେତେ ଫିସ୍ ନେଉଛି, ଏସବୁର ସୂଚନା ଜାଣିଲେ, ଏଇ ଚାନ୍ଦା ଆଦାୟ ବଡ଼ ସହଜ ହୁଏ । ପଞ୍ଝୁ-ପର୍ଶୁଙ୍କର ଚାନ୍ଦାରୁ ପଚିଶ ପର୍‌ସେଣ୍ଟ ଭାଗ ଥିବାରୁ, ମନଧ୍ୟାନ ଦେଇ ନିଷ୍ଠାର ସହ ଚାନ୍ଦା ଆଦାୟ କରୁଥିଲେ । ଏଥର ପୂଜାରେ ଗଲାବର୍ଷଠୁ ଅଧିକ ଆକର୍ଷଣୀୟ ମେଢ଼ ସାଜସଜ୍ଜା, ନାଚ-ଗୀତ, ଭୋଜିଭାତ, ପିଆପିଇ ତଥା ବିସର୍ଜନ ପ୍ରସେସନ, ଏମିତି କି ମେଲୋଡି, ଡ୍ୟାନ୍ସ ପାର୍ଟି, ବାଜା, ମଣ୍ଡପ ସଜା, ମୂର୍ତ୍ତି କାରିଗର, ଆଲୋକରୁ ସାଉଣ୍ଡ ସିଷ୍ଟମ, ଅତିଥି ନିମନ୍ତ୍ରଣ ନିମନ୍ତେ ଖର୍ଚ୍ଚର ବ୍ୟୟ ବରାଦ ଅଗ୍ରିମ ହୋଇ ସାରିଥିଲା । ଖାଲି ପୂଜା ଦିନକୁ ଅପେକ୍ଷା ରହିଥିଲା । ମାତ୍ର କାହାର ଡାହାଣୀ ନଜର ପଡ଼ିଲା କେଜାଣି, ସବୁ କର୍ମକର୍ତ୍ତା, ସଭ୍ୟଙ୍କ ଭିତରେ ପଡ଼ିଲା ଭାଳେଣି । ଇଏ କ'ଣ ସବୁ ହେଇଗଲା ରେ..! କାହା ନିଷ୍ଠୁର ନଜରରେ ଏଇ ଦୁଇ ନିଷ୍ଠାପର ଭକ୍ତଙ୍କୁ ପୁଣି ଏମିତିକା ଦଣ୍ଡ ! ସମସ୍ତେ ଭାବି ସ୍ଥିର କରିଥିଲେ, ଏଥର ମେଲୋଡି-ମଞ୍ଚରେ ପଞ୍ଝୁ-ପର୍ଶୁଙ୍କ ମୁଣ୍ଡରେ ପାଟଶାଢ଼ିର ପଗଡ଼ି ଭିଡ଼ି, ସମ୍ମାନିତ କରିଥାଆନ୍ତେ । ହେଲେ, ସେମାନେ ଏବେ ଜେଲ୍ ଭିତରେ ଅନ୍ଧାର ଘରେ !

ବୁଝୁ ବୁଝୁ ତାଙ୍କ ଅସଲି କାରନାମା, ଅସଲି ସାମ୍ବାଦିକ ବୋଲେଇ, ଯେଉଁ ଅର୍ଥ ଆଦାୟ କରୁଥିଲେ, କୋଉ ଚୁଗୁଲିଆ କଥାରେ ଏମନ୍ତ ଦଶା ଭୋଗିବାକୁ ପଡ଼ିଲା । ସେମାନେ ଧଣ୍ଡ ଭାବି ନାଗସାପ ଲାଙ୍ଗୁଡ଼ରେ ହାତ ମାରିଦେଲେ । ଗୋଟେ ଅଫିସରେ ଅନ୍ୟାୟ ଭାବରେ ସିଭିଲ ଡ୍ରେସରେ ଆକାଉଣ୍ଟାଣ୍ଟଙ୍କ ଚେୟାରରେ ଯିଏ ବସିଥିଲେ, ସିଏ ପୋଲିସ ଇନ୍‌ସ୍ପେକ୍ଟର ମ୍ୟାଡମ ! ସାଙ୍ଗରେ ଥିଲେ ଗୁପ୍ତ କ୍ୟାମେରା ଧରି ମିଡ଼ିଆ ସାମ୍ବାଦିକ । ଟଙ୍କା ଆଦାୟ ବେଳେ ଯାହା କହିଥିଲା ପର୍ଶୁ, ସବୁ ରେକର୍ଡ ହୋଇଥିବାରୁ ବିଚରା ଫର୍ଜରି କେସ୍‌ରେ ଫସିଗଲା ! ଏବେ ଦୁଇଭାଇ, ବଳକା ଭକ୍ତି ମିଶେଇ, ଉପାସରେ ରହି ଜେଲ ଭିତରେ ମା'ଙ୍କ ଉପାସନା ବ୍ରତରେ ରତ ରହି, ଅନେଇଥିଲେ କିଏ ଆସି ତାଙ୍କୁ ଯାମିନିରେ ମୁକୁଳେଇ ନେବ । ମାତ୍ର ଦିନ ଯେତିକି ସରି ସରି ଆସୁଥିଲା, ପଞ୍ଝୁଆ-ପର୍ଶୁଆଙ୍କ ଯାମିନି ତାରିଖ ସେତିକି ଘୁଞ୍ଚି ଘୁଞ୍ଚି ଯାଉଥିଲା । ନିଷ୍ଠୁର ନିଶୁଆ ବୃଦ୍ଧ ପୁରୁଣା ମୁରବିଙ୍କ ସ୍ୱରରେ ସ୍ୱର ମିଶେଇ ଅନେକ ଅଭକ୍ତ କହୁଥିଲେ... ବାବୁଙ୍କ ଭକ୍ତି, ଭାଗରୁ ବଳକା ହୋଇଗଲା...!


*-ମଙ୍ଗରାଜପୁର, ପୁରୀ*
*ମୋ: ୭୦୦୮୧୮୮୯୪୭*

## ପୁସ୍ତକ ସମୀକ୍ଷା

### ଦିବ୍ୟାଲୋକ ସନ୍ଧାନେ

**ଅକ୍ଟୋବର ସଂଖ୍ୟା -୨୦୨୪**
**( ଧର୍ମ, ତତ୍ତ୍ୱ, ସମ୍ବାଦ ଓ ସଂସ୍କାରମୂଳକ ସର୍ବଧର୍ମ ସମନ୍ୱୟୀ ଆଧ୍ୟାତ୍ମିକ ପତ୍ରିକା )**
**ମୁଖ୍ୟ ସମ୍ପାଦକ - ଡ. ଶରତ କୁମାର ରଥ,ମୂଲ୍ୟ -୩୦/-**


ଲୋକପ୍ରିୟ ଆଧ୍ୟାତ୍ମିକ ପତ୍ରିକା ' ଦିବ୍ୟାଲୋକ ସନ୍ଧାନେ'ର ଚଳିତ ସଂଖ୍ୟାରେ ପଦ୍ମଶ୍ରୀ ଅନ୍ତର୍ଯାମୀ ମିଶ୍ରଙ୍କ ଜଗନ୍ନାଥ କଥାମୃତ, ଡ. ଛାୟାକାନ୍ତ ଷଡ଼ଙ୍ଗୀ, ଛନ୍ଦା ମିଶ୍ର, ଡ. ଅଭିମନ୍ୟୁ ବରାଳଙ୍କ ଶ୍ରୀରାମ କଥା ସୁଧାନିଧି, ଲିଙ୍ଗରାଜ ମହାନ୍ତିଙ୍କ ଭାଗବତ କଥା, ରାଜେନ୍ଦ୍ର ମହାପାତ୍ରଙ୍କ ଲାଓସି ଧର୍ମ ଉପରେ ରୋଚକ ଉପସ୍ଥାପନା, ଦେବର୍ଷି ନାରଦଙ୍କ ''ନାରାୟଣ... ଶ୍ରୀମାନ ନାରାୟଣ', ଆପଣଙ୍କ ସମସ୍ୟା ଓ ସମାଧାନ'', ବାବାଜୀ ସୁଦାମ ଦାସଙ୍କ 'ମୁଁ କାହିଁକି ସାଧୁ ହେଲି ?' ଡ. ଅରବିନ୍ଦ ନନ୍ଦଙ୍କ ଉଚ୍ଚ ରକ୍ତଚାପ ପାଇଁ ଉତ୍ତମ ଔଷଧ, ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପଦ୍ମଶ୍ରୀ ବାବା ବଳିଆଙ୍କୁ ନେଇ ଏକ ଲେଖା ସହିତ ଗୋପାଳ ମିଶ୍ର, ମୀରା ବେଉରା, ବୈକୁଣ୍ଠନାଥ ମହାପାତ୍ର, ବୈକୁଣ୍ଠନାଥ ମିଶ୍ର, ଦୁର୍ଗାପ୍ରସାଦ ଆଚାର୍ଯ୍ୟ, ପ୍ରଭାତରଞ୍ଜନ ବେହୁରା ଆଦି ବହୁ ଲୋକପ୍ରିୟ ଲେଖକଙ୍କ ଜୀବନ ପରିବର୍ତ୍ତନକାରୀ ଆଧ୍ୟାତ୍ମିକ ଲେଖାମାନ ରହିଛି । ବିଶିଷ୍ଟ ଆଧ୍ୟାତ୍ମିକ ସ୍ତମ୍ଭକାର ଶ୍ରୀସନ୍ନ୍ୟାସୀ ଜୀ ରେଭେନ୍‌ଶାର ନାମକରଣକୁ ନେଇ ବର୍ତ୍ତମାନ ସୃଷ୍ଟ ବିତର୍କକୁ ଭିତ୍ତିକରି ଏକ ସୁନ୍ଦର ଓ ମାର୍ମିକ ଲେଖାଟିଏ ଲେଖିଛନ୍ତି 'ସିଂହଦ୍ୱାର' ସ୍ତମ୍ଭରେ ଯାହା ଅବଶ୍ୟ ପଠନୀୟ ଏବଂ ସଂଗ୍ରହଣୀୟ ମଧ୍ୟ ।




### ନୀଳଜହ୍ନର ରାତି

**କବି- ଯୋଗେଶ ଦାସ, ପ୍ରକାଶକ- ବର୍ଷା ପବ୍ଲିକେଶନ, ନୟାପଲ୍ଲୀ, ଭୁବନେଶ୍ୱର, ମୂଲ୍ୟ-୧୫୦ ଟଙ୍କା**

ନୀଳ ଜହ୍ନର ରାତି କାହାକୁ ବା ଭଲ ନ ଲାଗେ । ତେବେ ନୀଳ ଜହ୍ନର ରାତିକୁ ଉପଭୋଗ କରିବା ସମସ୍ତଙ୍କ ଭାଗ୍ୟରେ ସବୁ ବେଳେ ଜୁଟେନି । ଠିକ୍ ସେମିତି କବି ଯୋଗେଶ ଦାସଙ୍କ ଏ କବିତା ସଂକଳନ 'ନୀଳଜହ୍ନର ରାତି'କୁ ଯଦି କେହି ଏଯାଏ ପାଇନାହାନ୍ତି, ପଢ଼ି ନାହାନ୍ତି, ଓଡ଼ିଆ କବିତା ଜଗତରେ ଏକ ସୁନ୍ଦର ଅନୁଭବରୁ ସେ ବିରତ ରହିବେ ନିଶ୍ଚୟ । ଯେମିତି ଶ୍ରୀମଦ୍ଭଗବଦ୍ ଗୀତାର ମହତ୍ତ୍ୱ ଯଦି ଜଣେ ଚୁମ୍ବକରେ ଜାଣିବାକୁ ଚାହେଁ, ତେବେ ପ୍ରଥମ ଓ ଶେଷ ଶ୍ଳୋକ, ଯଥା 'ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ...', ଏବଂ 'ଯତ୍ର ଯୋଗେଶ୍ୱର କୃଷ୍ଣ'... ର ଅର୍ଥ ବୁଝିଗଲେ ଅନୁଭବ କରିପାରିବେ । ସେମିତି ନୀଳଜହ୍ନର ରାତିର ଆଦ୍ୟ ଓ ପ୍ରାନ୍ତ ପଂକ୍ତିକୁ ନିରୀକ୍ଷଣ କରନ୍ତୁ । ହୁଏତ ଏମିତି କିଛି ଅନୁଭବ ଆସିପାରେ । ଜୀବନ ଗୋ ତୁମେ ଆପଣାକୁ ଆପେ କର ଅମୃତମୟ ହୁଅ ଝଲମଲ ପ୍ରତିକ୍ଷଣେ ତୁମେ ନିର୍ଭୟ ଅତିଶୟ । ଏବେ ତୁମେ ଏଇ ହତ୍ୟାକାରୀକୁ ଫାଶୀରେ ଝୁଲାଇ ପାର ଦି ଟୋପା ଅଶ୍ରୁ ଛଡ଼ା ଆଉ ମୋର କିଛି ନାହିଁ କରିବାର । କବି ଯୋଗେଶ ଦାସ । ଓଡ଼ିଆ ସାହିତ୍ୟ ଜଗତର ଅପେକ୍ଷାକୃତ ନୂଆ ନାଁ ହୋଇପାରେ । କିନ୍ତୁ ତାଙ୍କ କଲମ ଚାଳନା ବେଶ୍ ପ୍ରବୀଣ । ମନୋଜ ଦାସଙ୍କୁ ଉତ୍ସର୍ଗୀକୃତ ମନୋଜ ଦାସଙ୍କ ଜନ୍ମମାଟି ଜଳେଶ୍ୱରରେ ଜନ୍ମିତ ଏହି କବି ନିଜ ଲେଖନୀରେ ପୁଣି ପୁନର୍ଜୀବିତ କରିଛନ୍ତି ଓଡ଼ିଶାର ପୁରପଲ୍ଲୀରେ ପ୍ରେକ୍ଷାପଟରେ ମନସ୍ତତ୍ତ୍ୱର ସୁନ୍ଦର ପରିପ୍ରକାଶକୁ । ଆଶା ପୁସ୍ତକଟି ନିଶ୍ଚୟ ପାଠକଙ୍କ ମନକୁ ଛୁଇଁବ ।



# ଦେଶର ସୁନାଝିଅ

ଅବନୀ ଲେଖ୍ରା । ୧୨ ବର୍ଷର ହୋଇଥିବାବେଳେ ଏକ ଦୁର୍ଘଟଣାରେ ତାଙ୍କର ପାରାଲିସିସ୍ ହୋଇଯାଏ । ଫଳରେ ତାଙ୍କୁ ହ୍ୱିଲ ଚେୟାରର ସାହାରା ନେବାକୁ ପଡିଲା । ତାଙ୍କର ଦୁନିଆ ପୂରା ବଦଳିଗଲା । ସେ ଭାଙ୍ଗିପଡ଼ିଲେ । ହେଲେ ତାଙ୍କ ବାପା ତାଙ୍କୁ ସାହସ ଦେଲେ । ଆଉ ଖେଳ ଦୁନିଆରେ ପାଦ ଥାପିବାକୁ ପ୍ରୋତ୍ସାହିତ କଲେ । ଏହି ସମୟରେ ଅଭିନବ ବିନ୍ଦ୍ରା ତାଙ୍କର ପ୍ରେରଣା ସାଜିଲେ । ତାଙ୍କ ପରି ସୁଟର୍ ହେବାକୁ ନିଷ୍ପତ୍ତି ନେଲେ । ତେଣୁ ୫ ବର୍ଷ ପର୍ଯ୍ୟନ୍ତ ସେ କଠିନ ପରିଶ୍ରମ କଲେ । ଆଉ ରାଇଫଲ୍ ଶୁଟିଂ କ୍ଷେତ୍ରରେ ନିଜର ପରିଚୟ ତିଆରି କରିବାକୁ ଚେଷ୍ଟା କଲେ । ପ୍ରଥମେ ତ ସେ ରାଜସ୍ଥାନ ଷ୍ଟେଟ ଚାମ୍ପିୟନଶିପରେ ଭାଗ ନେଲେ । ଆଉ ପ୍ରଥମ ପ୍ରୟାସରେ ହିଁ ଗୋଲ୍ଡ ମେଡାଲ ହାସିଲ କଲେ । ଏହାପରେ ସେ ପଛକୁ ଚାହିଁ ନାହାନ୍ତି । ୨୦୨୦ ଟୋକିଓ ପାରାଅଲିମ୍ପିକ୍‌ରେ ସେ ଗୋଲ୍ଡ ମେଡାଲ ଜିତିଲେ । ଆଉ ପାରା ଅଲିମ୍ପିକ୍ସରେ ଗୋଲ୍ଡ ମେଡାଲ ଜିତିଥିବା ପ୍ରଥମ ଭାରତୀୟ ମହିଳା ପାଲଟିଲେ । ୨୦୨୨ ପାରାଶୁଟିଂ ୱାର୍ଲ୍ଡ କପ୍‌ରେ ଗୋଲ୍ଡ ମେଡାଲ ଜିତିଲେ । ୨୦୨୪ ପାରା ଅଲିମ୍ପିକ୍ସରେ ବି ୧୦ ମିଟର ଏୟାର ରାଇଫଲ୍ ଷ୍ଟାଣ୍ଡିଂଏସ୍‌ଏଚ୍‌୧ରେ ସ୍ୱର୍ଣ୍ଣ ପଦକ ହାସିଲ କଲେ । ଆଉ ଚଳିତବର୍ଷ ପ୍ୟାରିସ ପାରାଅଲିମ୍ପିକରେ ଗୋଲ୍ଡ ମେଡାଲ ଜିତିଲେ । ଦେଶ ପାଇଁ ଲଗାତାର ସ୍ୱର୍ଣ୍ଣ ପଦକ ଆଣି ଦେଶର ଗୌରବ ବଢାଇଲେ । ତେଣୁ ତାଙ୍କୁ ଖେଳରତ୍ନ ପୁରସ୍କାର, ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି ।







# ଏତେ ଲମ୍ବା କେଶ!

ଫ୍ଲୋରିଡା, କ୍ଲେରମୋଣ୍ଟର ଆଶା ମଣ୍ଡେଲା ଏମିତି ଏକ ରେକର୍ଡ କରିଛନ୍ତି ଯାହାକୁ ଆଜିଯାଏ କେହି ଭାଙ୍ଗି ପାରୁନାହାନ୍ତି । ତାହା ହେଉଛି ସବୁଠୁ ଲମ୍ବା କେଶର ରେକର୍ଡ । ତାଙ୍କ କେଶର ଲମ୍ବା ହେଉଛି ୩୩.୫ ମିଟର ବା ୧୧୦ ଫୁଟ୍ । ତାଙ୍କ କେଶର ଓଜନ ୧୯ କେ.ଜି. । ଆଶା କହନ୍ତି, ‘ ୪୪ ବର୍ଷ ପୂର୍ବେ କେଶ ବଢାଇବା ଆରମ୍ଭ କରିଥିଲି । ମୁଁ ମୋ କେଶକୁ କୋବ୍ରା ବେବି କହେ । ଶୋଇବାକୁ ଗଲେ ଏହାକୁ ଏକ ସ୍ଥାନରେ ବାନ୍ଧିଦିଏ । ବଳକା କେଶକୁ ଧରି ଶୁଏ । ତାଙ୍କ ସହ କଥା ହୁଏ । ମୋ ସ୍ୱାମୀ ଇମାନୁଏଲ ଚେଗେ ଜଣେ ପେସାଦାର ହେୟାରଷ୍ଟାଇଲିଷ୍ଟ । ସେ ମୋ କେଶର ବଡ଼ ଫ୍ୟାନ ଓ ସେ ହିଁ ମୋ କେଶର ଯତ୍ନ ନିଅନ୍ତି । ମୋ କେଶ ଧୋଇବାଠୁ ଆରମ୍ଭ କରି ଶୁଖାଇବା ପର୍ଯ୍ୟନ୍ତ ସବୁ ସେ ହିଁ କରନ୍ତି । କେଶ ଶୁଖିବାକୁ ୨ ଦିନ ଲାଗେ । ସପ୍ତାହକୁ ଥରେ କେଶ ଧୁଏ । ଶାମ୍ପୁ ଲାଗେ ୭ ବଟଲ୍ । ମୋ କେଶକୁ ଛୋଟ ଛୋଟଭାଗ କରି ବାନ୍ଧି ଦିଅନ୍ତି ମୋ ସ୍ୱାମୀ ।’ କେଶ ତଳେ ଘୋଷାରି ନ ହେବା ପାଇଁ ଆଶା କପଡାରେ କେଶକୁ ବାନ୍ଧି ରଖନ୍ତି ।

# ମର୍ଲିନ ମୋନରୋ ଟି’ପଟ୍

ଟୀ’ ଲଭର୍ ଅନେକେ ଅଛନ୍ତି । ତେବେ ଯଦି ଏହି ଟି ଲଭର୍‌ଙ୍କୁ ସକାଳୁ ସକାଳୁ ଚା’ ଟିକେ ଷ୍ଟାଇଲିସ୍ ୱେରେ ପରଷାଯାଏ ତେବେ ତାଙ୍କ ଦିନ ଭଲରେ କଟିଯାଏ । ଆଉ ଯଦି ଚା’ ମର୍ଲିନ ମୋନରୋ ଟି’ପଟ୍‌ରେ ପରଷାଯାଏ ତେବେ ତ ତା’ର ମଜା ଅଲଗା । ଈଷତ୍ ଧଳାରଙ୍ଗର ଏହି ଟି’ପଟ୍‌ର ଡିଜାଇନ୍ ବହୁତ ସିମ୍ପଲ୍ ହେଲେ ବି ଏଥିରେ ଥିବା ଗୋଟିଏ ବିଶେଷତ୍ୱ ଟି’ପଟ୍‌ଟିକୁ ଖାସ୍ କରାଏ । ଆଉ ମନେ ପକାଇଦିଏ ମଡେଲ ତଥା ଅଭିନେତ୍ରୀ ମର୍ଲିନ୍ ମୋନରୋଙ୍କ କଥା । ମର୍ଲିନ ମୋନରୋ ଥିଲେ ଆମେରିକୀୟ ମଡେଲ ଓ ଅଭିନେତ୍ରୀ । ୫୦-୬୦ ଦଶକରେ ବୋଲ୍ଡ ଅନ୍ଦାଜ ପାଇଁ ସେ ଥିଲେ ବହୁତ ଲୋକପ୍ରିୟ । ତାଙ୍କର ଏକ ଆଇକୋନିକ ପୋଜ୍ ତ ଆଜି ବି ବେଶ୍ ଲୋକପ୍ରିୟ । ସେଇଟି ହେଉଛି ଲାଲ ଲିପ୍‌ଷ୍ଟିକ୍ ସହ ପବନରେ ଉଡିଯାଉଥିବା ଧଳା ରଙ୍ଗର ମିନି ଡ୍ରେସ୍‌କୁ ଚାପି ଧରିବାର ପୋଜ୍ । ଖାସ୍ ଏହି ଲୁକ୍‌କୁ ନଜରରେ ରଖି ଉକ୍ତ ଟି’ପଟ୍‌କୁ ଡିଜାଇନ୍ କରାଯାଇଛି । ଯେଉଁଥିରେ ଦେଖିବାକୁ ମିଳେ ଧଳା ଟି’ପଟ୍ ଉପରେ ଲାଲରଙ୍ଗର ଆକର୍ଷକ ଓଠ ସାଙ୍ଗକୁ ତା’ ପାର୍ଶ୍ୱରେ ଏକ ସୁନ୍ଦର କଳାଜାଇ । ଯାହାକି ମର୍ଲିନ ମୋନରୋଙ୍କ କଥା ମନେ ପକାଇଥାଏ ।

